ଆଜି - ମଙ୍ଗଳବାର
ତାରିଖ - ୧୯ ମଇ ୨୦୨୬
ମାସ - ବୃଷ, ଦିନ - ୦୪
ତିଥି - ତୃତୀୟା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମୃଗଶିରା, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୧୩ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ବିପଦରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା କରନାହିଁ, ବରଂ ବିପଦକୁ ସମ୍ମୁଖୀନ ହେବା ନିମନ୍ତେ ନିର୍ଭୀକ ହେବାକୁ ପ୍ରାର୍ଥନା କରି ।"

- ରବୀନ୍ଦ୍ର ନାଥ ଠାକୁର


E-News : www.Ajikali epaper.com

Vol.- 41 ISSUE- 35 R.N.I. REGD. No. 44026/86 ବାଲେଶ୍ୱର ୧୯ ମଇ ୨୦୨୬ ମଙ୍ଗଳବାର BALASORE 19 MAY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ନରୱେର ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ



ଓସ୍ଲୋ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୋମବାର ଦିନ ନରୱେର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦ ରୟାଲ ନରୱେଜ୍ ଅର୍ଡର ଅଫ୍ ମେରିଟ୍' ପ୍ରଦାନ କରାଯାଇଛି । ଏହା ହେଉଛି ୩୨ତମ ଅନ୍ତର୍ଜାତୀୟ ସମ୍ମାନ ଯାହା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମିଳିଛି । 'ଗ୍ରାଣ୍ଡ କ୍ରସ୍' ହେଉଛି ରୟାଲ ନରୱେଜ୍ ଅର୍ଡର ଅଫ୍ ମେରିଟର ସର୍ବୋଚ୍ଚ ମାନ୍ୟତା । ନରୱେ ସ୍ୱାର୍ଥ ଏବଂ ଆନ୍ତର୍ଜାତୀୟ ସମ୍ପର୍କକୁ ଆଗକୁ ନେବାରେ ଅସାଧାରଣ ଅବଦାନ ପାଇଁ ଏହି ସମ୍ମାନ ଦିଆଯାଇଥାଏ । ଭାରତ-ନରୱେ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ବିଶ୍ୱ ନେତୃତ୍ୱରେ ଯୋଗଦାନ ପାଇଁ ନରୱେର ରାଜା ପଂଚମ ହାରାଲ୍ଡ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଥିଲେ ଯେ ଏହି ସମ୍ମାନ ଗ୍ରହଣ କରି ସେ ସମ୍ମାନିତ ଅନୁଭବ କରୁଛନ୍ତି । ଏହି ସମ୍ମାନ ଭାରତର ଜନସାଧାରଣଙ୍କୁ ସମର୍ପିତ ଏବଂ ଏହା ଭାରତ ଓ ନରୱେ ମଧ୍ୟରେ ସ୍ଥାୟୀ ବନ୍ଧୁତ୍ୱର ପ୍ରତୀକ । ଏହା ବୈଶ୍ୱିକ ପ୍ରଗତି ପ୍ରତି ଉଭୟ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ୍ସରେ କହିଛନ୍ତି ଯେ ଏହା ବନ୍ଧୁତ୍ୱର ଏକ ସ୍ୱତନ୍ତ୍ର ଉପହାର । ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନକୁ ଭାରତ ଏବଂ ନରୱେ ମଧ୍ୟରେ ଐତିହାସିକ ସମ୍ପର୍କକୁ ଉତ୍ସର୍ଗ କରିଥିଲେ ଏବଂ ଏହାକୁ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସ୍ନେହ ଏବଂ ସଦ୍ଭାବନାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ଗୋଟିଏ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱିଡେନର ସମ୍ମାନଜନକ 'ରୟାଲ ଅର୍ଡର ଅଫ୍ ଦ ପୋଲାର ଷ୍ଟାର, ଡିଗ୍ରୀ କମାଣ୍ଡର ଗ୍ରାଣ୍ଡ କ୍ରସ୍' ପ୍ରଦାନ କରାଯାଇଥିଲା ।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ସ୍ୱିଡେନ୍ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରତିଷ୍ଠିତ 'ରୟାଲ୍ ଅର୍ଡର୍ ଅଫ୍ ଦ ପୋଲାର୍ ଷ୍ଟାର୍, ଡିଗ୍ରୀ କମାଣ୍ଡର୍ ଗ୍ରାଣ୍ଡ କ୍ରସ୍' ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଏହାକୁ ଭାରତର ବଢୁଥିବା ବିଶ୍ୱ ପ୍ରତିଷ୍ଠାର ଗୌରବମୟ ମୁହୂର୍ତ୍ତ ବୋଲି କହିଛନ୍ତି । ସେ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି, "ଯେତେବେଳେ ଭାରତ ଆଗକୁ ବଢୁଛି, ସମଗ୍ର ବିଶ୍ୱ ତାହାକୁ ସମ୍ମାନ କରୁଛି । ସ୍ୱିଡେନ୍ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରତିଷ୍ଠିତ 'ରୟାଲ୍ ଅର୍ଡର୍ ଅଫ୍ ଦ ପୋଲାର୍ ଷ୍ଟାର୍, ଡିଗ୍ରୀ କମାଣ୍ଡର୍ ଗ୍ରାଣ୍ଡ କ୍ରସ୍' ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

## ବିଜେପିର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ

ଭୁବନେଶ୍ୱର : ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ । ଅନ୍ୟପକ୍ଷରେ ସରକାର ଚଲାଇବା ପାଇଁ ସମର୍ପଣ ଆବଶ୍ୟକ । ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ । କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ବର୍ତ୍ତମାନ ଆମକୁ ସଂଘର୍ଷ ସହିତ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ । ଦେଶ ସାରା ବିଜେପି ପ୍ରତି ସକରାତ୍ମକ ଲହର ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । "ରାଷ୍ଟ୍ର ସର୍ବୋପରି" ମନୋଭାବ ରଖି ପ୍ରଧାନମନ୍ତ୍ରୀ ମୋଦିଜୀ ନିଷ୍ଠାର ସହ କାର୍ଯ୍ୟ କରିଚାଲିଛନ୍ତି ।୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି । ଅତୀତରେ ବିରୋଧୀ ଦଳ ଭୂମିକାରେ ରହି ତତ୍କାଳୀନ ସରକାରଙ୍କୁ ଗଠନାତ୍ମକ ଓ ସକରାତ୍ମକ ସହଯୋଗ କରୁଥିଲା । କିନ୍ତୁ ବର୍ତ୍ତମାନ ବିରୋଧୀ ଦଳ ଗୁଡିକର ଆଚରଣ ଓ ଉଚ୍ଚାରଣ ବ୍ୟାପକ ପରିବର୍ତ୍ତନ ଘଟିଛି । ନକରାତ୍ମକ ମନୋଭାବ ସ୍ପଷ୍ଟ ପରିପ୍ରକାଶ ପାଉଛି । ଭାରତୀୟ ଯୁବକ ନବସୃଜନ, ସୃଜନଶୀଳ, ରଚନାତ୍ମକ ଚିନ୍ତାଧାରା ପାଇଁ ପରିଚିତ । ଅନ୍ୟପଟେ ନକରାତ୍ମକ ମନୋଭାବ ରଖିଥିବା ବିରୋଧୀ ଦଳଗୁଡିକ ଏବେ ଜେନ୍ ଜି ନାମରେ



ଯୁବବର୍ଗକୁ ପଥଭ୍ରାନ୍ତ କରୁଛନ୍ତି । ଏହା ବିକାଶର ଧାରାକୁ ପ୍ରତିରୋଧ କରୁଛି ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଆୟୋଜିତ "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬" ରେ ଯୋଗ ଦେଇ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ କହିଛନ୍ତି । ଶ୍ରୀ ନୀତିନ ନବୀନ କହିଛନ୍ତି ଯେ, ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତ୍ତବ୍ୟ । ବିଶେଷ ଭାବେ "ଆତଙ୍କବାଦ, ଅନୁପ୍ରବେଶକାରୀ, ସୀମା ବିବାଦ, ତସ୍କରୀ" ଭଳି ବାହ୍ୟଶତ୍ରୁଙ୍କ ଆହ୍ୱାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ସଫଳତାର ସହ ମୁକାବିଲା କରୁଛନ୍ତି । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଦେଶର ପଛୁଆ ଜିଲ୍ଲା ଭାବେ ପରିଗଣିତ ଅଂଚଳକୁ ଆକାଂକ୍ଷୀ ଜିଲ୍ଲା ଭାବେ ବିକାଶର ମୁଖ୍ୟ ସ୍ରୋତର ସାମିଲ କରିବାକୁ ସଫଳ ପ୍ରୟାସ କରିଛନ୍ତି । ଏବେ ନକ୍ସଲବାଦ ସମାପ୍ତପ୍ରାୟ । ଆତଙ୍କବାଦ ଉପରେ ରୋକ ଲଗାଯାଇପାରିଛି । ସେନାବାହିନୀକୁ ମୁକ୍ତ ହସ୍ତ ଦିଆଯାଇ ତାଙ୍କ ମନୋବଳକୁ ସୁଦୃଢ କରାଯାଇଛି । ସେହିପରି ସାଂସ୍କୃତିକ ରାଷ୍ଟ୍ରବାଦ ସୁରକ୍ଷା ପ୍ରତି ବଡ ବିପଦକୁ ସାମ୍ନା କରିବା ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ । ଅନୁପ୍ରବେଶକାରୀ, ଧର୍ମଭିତିକ ମତାନ୍ତର, କ୍ଷେତ୍ରବାଦ୍, ସାଂସ୍କୃତିକ ଆକ୍ରମଣ କରାଯିବାର ବଡ ଚକ୍ରାନ୍ତକୁ ବିଫଳ କରିବା ହେଉଛି ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ । ସଂସ୍କୃତିକୁ ଆଧାର କରି ବିକାଶ ହେବା ଉଚିତ୍ । ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ । ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା । ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା । ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ନୀତିନ ନବୀନ କହିଛନ୍ତି ।

### ଅଳ୍ପରେ ଖବର

- ଯାତ୍ରୀମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନକୁ ନିୟମିତ ଏକ୍ସପ୍ରେସ୍ ଟ୍ରେନରେ ରୂପାନ୍ତରିତ କରାଯାଇଛି ।
- ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ପାଇଁ ଫର୍ମ ଫିଲ୍ଅପ୍ ଅବଧି ଆସନ୍ତା ମେ' ୨୫ ତାରିଖ ଯାଏଁ ବୃଦ୍ଧି କରାଯାଇଛି । ମାଟ୍ରିକ ସପ୍ଲିମେଂଟାରୀ ଫର୍ମ ଫିଲ୍ଅପ୍ ପାଇଁ ସୋମବାର ଶେଷ ତାରିଖ ଥିଲା ।
- ରାଜ୍ୟରେ ତେଲ ସଂକଟ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ । ତୈଳ ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଅନାବଶ୍ୟକ ଭିଡ଼ କରିବାର କୌଣସି ଆବଶ୍ୟକତା ନାହିଁ ।
- କେରଳର ମୁଖ୍ୟମନ୍ତ୍ରୀ ଭି ଡି ସତୀସନ୍ଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି କେରଳର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପାଇଁ ଶ୍ରୀ ଭି ଡି ସତୀସନ୍ ଜିଙ୍କୁ ଅଭିନନ୍ଦନ ।

## ଛତିଶଗଡ଼ରେ ଅତ୍ୟାଧୁନିକ ନେକ୍ସଟ୍-ଜେନ୍ ସିଜି ଡାଏଲ୍-୧୧୨ ସେବା ଏବଂ ମୋବାଇଲ୍ ଫୋରେନ୍ସିକ୍ ଭ୍ୟାନ୍‌ର ଶୁଭାରମ୍ଭ କଲେ ଅମିତ ଶାହ



ରାୟପୁର : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର ରାୟପୁରର ମାନା ପୋଲିସ ପରେଡ୍ ଗ୍ରାଉଣ୍ଡରେ ଛତିଶଗଡ଼ ପୋଲିସର ଅତ୍ୟାଧୁନିକ 'ନେକ୍ସଟ୍-ଜେନ୍ ସିଜି ଡାଏଲ୍-୧୧୨ ସେବା' ଏବଂ ମୋବାଇଲ୍ ଫୋରେନ୍ସିକ୍ ଭ୍ୟାନ୍ ଆରମ୍ଭ କରିଛନ୍ତି ।କେନ୍ଦ୍ର ଗୃହମନ୍ତ୍ରୀ ଶାହ ୪୦୦ଟି ଅତ୍ୟାଧୁନିକ ଡାଏଲ୍-୧୧୨ ଯାନ ଏବଂ ୩୨ଟି ମୋବାଇଲ୍ ଫୋରେନ୍ସିକ୍ ଭ୍ୟାନ୍ କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ, ବିଧାନସଭା ବାଚସ୍ପତି ରମଣ ସିଂହ, ଉପମୁଖ୍ୟମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ବିଜୟ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଅରୁଣ ଦେବ ଗୌତମ, ବିଧାୟକ, ଜନପ୍ରତିନିଧି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏକେ ନମ୍ବର, ସାଭ୍ରେ ବାର୍ଥମ୍ ଉପରେ ଆଧାରିତ, ଏହି ଆଧୁନିକ ସେବା ପୋଲିସ, ଅଗ୍ନିଶମ ଏବଂ ଚିକିତ୍ସା ସେବାକୁ ଏକୀକୃତ କରିଥାଏ, ନାଗରିକମାନଙ୍କୁ ଗୋଟିଏ ନମ୍ବର ମାଧ୍ୟମରେ ତୁରନ୍ତ ଜରୁରୀକାଳୀନ ସହାୟତା ପ୍ରଦାନ କରିଥାଏ । ଏହି ପଦକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ୪୦୦ଟି ଅତ୍ୟାଧୁନିକ ଯାନଗୁଡ଼ିକ ସ୍ମାର୍ଟଫୋନ୍, ଜିପିଏସ, ୱାୟାରଲେସ୍ ରେଡିଓ, ପିଟିଜେଡ କ୍ୟାମେରା, ଡ୍ୟାସ୍ କ୍ୟାମ୍, ମୋବାଇଲ୍ ଏନଭିଆର ଏବଂ ସୋଲାର ବ୍ୟାକଅପ୍ ଭଳି ଆଧୁନିକ ବୈଶିଷ୍ଟ୍ୟ ସହିତ ସଜ୍ଜିତ । ଏହି ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ, ଘଟଣାସ୍ଥଳର ଲାଇଭ୍ ମନିଟରିଂ, ରିଅଲ୍-ଟାଇମ୍ ଟ୍ରାକିଂ ଏବଂ ଦ୍ରୁତ ଯୋଗାଯୋଗ ସୁନିଶ୍ଚିତ କରାଯିବ ।

## ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିନ ଖୋର୍ଦ୍ଧା ଜିଲ୍ଲା ବରୁଣେଇ ଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା



ଏହି ସଶସ୍ତ୍ର ଗଣବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଏହା ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ଏକ ଅନନ୍ୟ ପ୍ରତୀକ । ଏହି ମାଟିର ବୀରମାନଙ୍କ ବଳିଦାନ ସମଗ୍ର ଦେଶକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରିତ କରିଥିଲା । ବରୁଣେଇ ପାହାଡ଼ ପାଦଦେଶରେ ନିର୍ମାଣ ହେଉଥିବା ଏହି ଭବ୍ୟ ସ୍ମାରକୀ ସ୍ଥଳ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ବୀରତ୍ୱ ଓ ବିଜୟଗାଥାକୁ ସାରା ବିଶ୍ୱରେ ପ୍ରତିପାଦିତ କରିବ । ଓଡ଼ିଶାର ଅଦମ୍ୟ ସାହସର ମୂକସାକ୍ଷୀ ହୋଇ ରହିବାକୁ ଥିବା ଏହି ପ୍ରକଳ୍ପ ଆଗାମୀ ଦିନରେ ଆମ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ଦେଶପ୍ରେମରେ ସର୍ବଦା ଅନୁପ୍ରାଣିତ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ସଠିକ୍ ପରିଚୟ ଦେବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଗାଁକୁ ଯିବ ତହସିଲ ଅଫିସ, ଲୋକଙ୍କ ସମସ୍ୟା ବୁଝିବେ ଅଧିକାରୀ : ମନ୍ତ୍ରୀ

ଭୁବନେଶ୍ୱର : ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇ ବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ପ୍ରତିଟି ଲୋକ ପାଖେ ରାଜସ୍ୱ ସେବା ପହଂଚାଇବା ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମନ୍ତ୍ରୀ କହିଛନ୍ତି ଯେ, 'ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ ; ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି; ତାହା ହିଁ ଆମ ଉପଲବ୍ଧି' ଏହି ପରିପ୍ରେକ୍ଷୀରେ ଆଗାମୀ ଦିନର ବିଭିନ୍ନ ନୂତନ



ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାମାନଙ୍କର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯିବା ସହ ଆଗାମୀ ଦିନରେ ସେମାନେ ଉକ୍ତ ଜିଲ୍ଲାମାନଙ୍କର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଦର୍ଶନ ସମୟରେ ବରିଷ୍ଠ ଅଧିକାରୀ ଜିଲ୍ଲାମାନଙ୍କରେ ରାତ୍ରରହଣି ସହ ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେଇ ସେମାନଙ୍କୁ ବିଭାଗର ପ୍ରମୁଖ ଉପାଦେୟ ସେବା ସମ୍ପର୍କରେ ସଚେତନ କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ତହସିଲକୁ ତୃଣମୂଳସ୍ତରରେ ପହଂଚାଇବା ନିମନ୍ତେ ନୂତନ ପଦକ୍ଷେପସ୍ୱରୁପ ଖୁବ୍ ଶୀଘ୍ର 'ଆମ ଗାଆଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଗ୍ରାମ ଅଥବା ପଂଚାୟତସ୍ତରରେ ତହସିଲ୍ କ୍ୟାମ୍ପ୍ କୋର୍ଟ୍ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଆସନ୍ତା ୨୦ରେ ପ୍ରକାଶ ପାଇବ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର : ଯୁକ୍ତ ୨ ପରୀକ୍ଷା ଫଳକୁ ନେଇ ୨୦ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଆସନ୍ତା ମେ ୨୦ ତାରିଖରେ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ । ଏକାସଙ୍ଗେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ କଳା, ବିଜ୍ଞାନ , ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ରେଜଲ୍ଟ ଘୋଷଣା




କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ବିଗତ ବର୍ଷଗୁଡ଼ିକରେ ସାଧାରଣତଃ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରଥମେ ଏବଂ ପରେ କଳା ବିଭାଗର ରେଜଲ୍ଟ ପ୍ରକାଶ ପାଉଥିଲା । ମାତ୍ର ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତି ନିଆଯାଇଛି । ଆସନ୍ତା ୨୦ ତାରିଖରେ ସମସ୍ତ ଚାରୋଟିଯାକ ଷ୍ଟ୍ରିମର ପରୀକ୍ଷା ଫଳ ଏକ ସମୟରେ ଉପଲବ୍ଧ ହେବ । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଦେଇଛନ୍ତି । ପରୀକ୍ଷା ଶେଷ ହେବା ଦିନଠାରୁ ହିଁ ସମସ୍ତ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ରେଜଲ୍ଟକୁ ଚାତକ ଭଳି ଅପେକ୍ଷା କରି ରହିଥିଲେ । ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏବେ ସେମାନଙ୍କର ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ରେଜଲ୍ଟ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ୱେବସାଇଟ୍ ମାଧ୍ୟମରେ ନିଜର ରୋଲ୍ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ଦେଇ ରେଜଲ୍ଟ ଚେକ୍ କରିପାରିବେ । orissaresults.nic.in, chseodisha.nic.in, ଏହାଛଡ଼ା ସଂଶ୍ଲିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ ସାମସ୍ କଲେଜ ଲଗଇନ୍ ଜରିଆରେ ପରୀକ୍ଷା ଫଳ ଉପଲବ୍ଧ କରାଇ ଦିଆଯିବ । ସେହିପରି ଛାତ୍ରଛାତ୍ରୀମାନେ ନିଜର ଡିଜିଲକର ଆକାଉଂଟରୁ ମଧ ମାର୍କସିଟ୍ ଡାଉନଲୋଡ୍ କରିପାରିବେ । ପରୀକ୍ଷା ଫଳ ପ୍ରକାଶନକୁ ନେଇ ଉଐଝର କାର୍ଯ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଅଧିକ ଅପଡେଟ୍ ପାଇଁ ଆମ ପେଜ୍ ସହ ଯୋଡ଼ି ହୋଇ ରୁହନ୍ତୁ ।

# ଓଡ଼ିଶାର ଉପକୂଳରେ ୩୦,୦୦୦ ହେନ୍ତାଳ ବନ ଚାରା ରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.) : ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳ ଓଡ଼ିଶାର ଅନ୍ତରଙ୍ଗରେ ଏକ ତିନି ବର୍ଷିଆ ହେନ୍ତାଳ ବନ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛି - ଏହା ରାଜ୍ୟର ପୂର୍ବ ଉପକୂଳରେ ପାଂଚଟି ଉପକୂଳବର୍ତୀ ଗ୍ରାମକୁ ବ୍ୟାପି ଏକ ଗୋଷ୍ଠୀ-ନେତୃତ୍ୱାଧୀନ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପ ସକ୍ରିୟ ଭାବରେ ୬୨ ଏକରରୁ ଅଧିକ ଅବକ୍ଷୟପ୍ରାପ୍ତ ଜମିକୁ ପୁନରୁଦ୍ଧାର କରୁଛି, ୩୦,୦୦୦ ରୁ ଅଧିକ ହେନ୍ତାଳ ବନ ଚାରା ରୋପଣ କରୁଛି ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ ନିର୍ମାଣ କରୁଛି ।

ହେନ୍ତାଳ ବନ ବର୍ଷାଜଳ ଅପେକ୍ଷା ଚାରି ଗୁଣ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ, ଉପକୂଳକୁ କ୍ଷୟରୁ ରକ୍ଷା କରେ ଏବଂ ଜୈବ ବିବିଧତାକୁ ସଂରକ୍ଷଣ କରେ ତଥାପି ସେମାନେ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଇକୋସିଷ୍ଟମ ମ୍ଦ୍ଧରେ ରହିଛନ୍ତି । ଏହି ପଦକ୍ଷେପ ସେହି ଆବଶ୍ୟକତାକୁ ସମ୍ବୋଧିତ କରେ, ସିଗ୍ନେଚର ପ୍ୟାକେଜ୍ ପାନୀୟ ଜଳର ପରିବେଶଗତ ପ୍ରତିବଦ୍ଧତାକୁ, ଭୂମିରେ ମାପଯୋଗ୍ୟ କାର୍ଯ୍ୟରେ ପରିଣତ କରେ ।"ଓଡ଼ିଶାରେ ହେନ୍ତାଳ ବନ ପୁନରୁଦ୍ଧାର ପ୍ରକଳ୍ପ ହେଉଛି ଆମର ଏକ ଶକ୍ତିଶାଳୀ ଅଭିବ୍ୟକ୍ତି – ଗୋଷ୍ଠୀ ପରିଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି । 'ୱାନ୍ ୱିଥ୍ ନେଚର' ସହିତ, ଆମେ ହେନ୍ତାଳ ବନ ଭଳି ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ," ଡାଏଜିଓ ଇଣ୍ଡିଆର ଭାଇସ୍ ପ୍ରେସିଡେ[ ଏବଂ ପୋର୍ଟଫୋଲିଓ ହେଡ୍ - ମାର୍କେଟିଂ ଆନନ୍ଦିତା ଦତ କହିଛନ୍ତି ।ଏହି ପ୍ରକଳ୍ପଟି ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳର 'ପ୍ରକୃତି ସହିତ ଏକ' ବ୍ରାଣ୍ଡ ଦର୍ଶନର ଏକ ସିଧାସଳଖ ପ୍ରକାଶନ, ଯାହା ଏକ ବିଶ୍ୱାସ ଯେ ପରିବେଶଗତ ପ୍ରଗତି ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବା ଉଚିତ, ସମୟ ସହିତ ସ୍ଥାୟୀ ହେବା ଉଚିତ ଏବଂ ପ୍ରକୃତ ପରିବେଶଗତ ପ୍ରଭାବ ଉପରେ ଆଧାରିତ ହେବା ଉଚିତ । ସଂରକ୍ଷଣକୁ ଏକ ଅଭିଯାନ ଭାବରେ ବ୍ୟବହାର କରିବା ପରିବର୍ତ୍ତେ, ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳ ଉପକୂଳବର୍ତୀ ଗ୍ରାମଗୁଡ଼ିକର ଦୈନନ୍ଦିନ ବାସ୍ତବତାରେ ନିଜକୁ ସାମିଲ କରିଛି, ପୁନରୁଦ୍ଧାର ପ୍ରୟାସକୁ ସ୍ଥାନୀୟ ଜୀବିକା ପାଇଁ ସମର୍ଥନ ସହିତ ଯୋଡିଛି ।ଏହି କାହାଣୀକୁ ଏକ ବ୍ୟାପକ ଦର୍ଶକଙ୍କ ନିକଟରେ ପହଂଚାଇବା ପାଇଁ, ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳ "ଦି ମାଗ୍ରୋଭ୍ସ ରିଜେନେରେସନ୍ ପ୍ଲେଜ୍" ଆରମ୍ଭ କରିଛି - ଏକ ବ୍ରାଣ୍ଡ ଫିଲ୍ମ ଯାହା ଆୟାସଡର ଆୟୁଷ୍ମାନ ଖୁରାନାଙ୍କୁ ନେଇ ଗଠିତ । ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମ୍ଦ୍ଧମରେ କୁହାଯାଉଥିବା, ଏହି ଫିଲ୍ମଟି ଜଳବାୟୁ ପରିବର୍ତ୍ତନ,



ସ୍ଥିରତା ଏବଂ ଭାରତର ଉପକୂଳରେ ତୃଣମୂଳ ସଂରକ୍ଷଣ ଚଳାଉଥିବା ଗୋଷ୍ଠୀର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ ।

# ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି : ବାଲେଶ୍ୱର ବାୟୁସେନା ସଂଗଠନ ବାଂଟିଲା ଦହି ସର୍ବତ

ବାଲେଶ୍ୱର:(ନି.ପ୍ର.): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବା ପାଇଁ ବାଲେଶ୍ୱର ଜିଲ୍ଲା ବାୟୁସେନା ସଂଗଠନ ପକ୍ଷରୁ ଆଜି ଏକ ନିଆରା ପଦକ୍ଷେପ ନିଆଯାଇଛି । ରବିବାର ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ମାଗଣା ଦହି ସର୍ବତ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାୟୁସେନା ସଂଗଠନର ସମସ୍ତ ପୂର୍ବତନ ସୈନିକ ଏବଂ ସେମାନଙ୍କ ସହଧର୍ମିଣୀମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ । ତାପମାତ୍ରା ବୃଦ୍ଧି ସହ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଏହି ଦହି ସର୍ବତ ବିତରଣ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଥିଲା । ସଂଗଠନର ସଦସ୍ୟମାନେ କହିଛନ୍ତି, ସାଧାରଣ ଜନତାଙ୍କ ମଧ୍ୟରେ ଭାରତୀୟ ବାୟୁସେନା ପ୍ରତି ସାକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହି ଉଦ୍ୟମର ଅନ୍ୟତମ ଉଦ୍ଦେଶ୍ୟ । ବାଲେଶ୍ୱର ସହରର ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଏଭଳି ଏକ ଜନହିତ କାର୍ଯ୍ୟର ଶୁଭାରମ୍ଭ କରିଥିବାରୁ ପ୍ରଚଣ୍ଡ ଖରାତାତିରେ ସିଝୁଥିବା ପଥଚାରୀମାନେ ଏହାର ଭୂରି ଭୂରି ପ୍ରଶଂସା କରିଥିଲେ । ଏହି ଜନହିତକର କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ବାୟୁସେନାର ପୂର୍ବତନ ସୈନିକମାନଙ୍କୁ ସର୍ବସାଧାରଣରେ ବ୍ୟାପକ ପ୍ରଶଂସା କରାଯାଉଛି । ଅନେକ ସ୍ଥାନୀୟ ବାସିନ୍ଦା ଏଭଳି ଉଦ୍ୟମକୁ ସ୍ୱାଗତ କରିବା ସହ ଭବିଷ୍ୟତରେ ମଧ୍ୟ ଜାରି ରଖିବାକୁ ଅନୁରୋଧ କରିଛନ୍ତି ।




# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ରେମୁଣା, (ନି.ପ୍ର.)ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ରେମୁଣା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରେମୁଣା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୪୪ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୪୧ ଗୋଟି ବ୍ୟକ୍ତିଗତ ଓ ୧ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫ ଗୋଟି



ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ତହସିଲଦାର, ରେମୁଣା ଶ୍ରୀମତୀ ବର୍ଷା ପରିଡ଼ାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଅଟକ ଶିଶୁଙ୍କୁ ଛାଡ଼ ପାଇଁ ଅଭିଭାବକ ଭେଟିଲେ ପ୍ରଶାସନକୁ

ବାଲେଶ୍ୱର (ନି.ପ୍ର.) ଏସୟୁସିଆଇ ( କମ୍ୟୁନିଷ୍ଟ) ଉଦ୍ୟୋଗରେ ମଇ ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଗୁଳ ଠାରେ ସମଗ୍ର ରାଜ୍ୟର ସ୍କୁଲ ଓ କଲେଜ ରେ ପଢୁଥିବା ଆମ ଦଳର କର୍ମୀ ସମର୍ଥକଙ୍କ ପୁଅ ଝିଅ ମାନଙ୍କୁ ନେଇ ଏକ ଖରାଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆମର ପୂର୍ଣ୍ଣ ସହମତି ରେ ଏହି କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଯାଉଥିବା ଆମର ୧୯ ଜଣ ପିଲାଙ୍କୁ ୧୬ ତାରିଖ ରାତିରୁ ସୋର ରେଲବାଇ ପୋଲିସ ଓ ସୋର ଥାନା ପୋଲିସ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟି ( ଉଡଉ) କୁ ହସ୍ତାନ୍ତର କରାଯାଇଛି କ୍ଷ ଝିଅ ପିଲାମାନଙ୍କୁ ସୋରସ୍ଥ ପୁରୁବାଇ ବାଳାଶ୍ରମ ଓ ପୁଅମାନଙ୍କୁ ବାଲେଶ୍ୱରସ୍ଥ ଉତ୍କଳ ବାଳାଶ୍ରମରେ ଅଟକ




ରଖାଯାଇଛି । ଅଟକ ରଖିବାର କୌଣସି କାରଣ ଆମକୁ ଜଣା ଯାଇନାହିଁ । ତେବେ ପିଲାମାନଙ୍କୁ ଧର୍ମାନ୍ତରୀକରଣ ପାଇଁ ନିଆଯାଉଥିଲା ବୋଲି ଗଣମାଧ୍ୟମରେ ଭ୍ରମାତ୍ମକ ଖବର ପ୍ରକାଶ ପାଇଛି । ଆମେ ଏଠାରେ ପୁଣି ଥରେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଏହା ଆମ ପାର୍ଟି ପରିଚାଳିତ ଏକ କାର୍ଯ୍ୟକ୍ରମ ଥିଲା ଏବଂ ଏହି କାର୍ଯ୍ୟକ୍ରମରେ ଆମ ପିଲାମାନେ ଆମର ସହମତି ରେ ଯୋଗ ଦେବାକୁ ଯାଉଥିଲେ । ମାତ୍ର ଆମେ ଏକଥା ପୋଲିସ କୁ ଜଣାଇବା ସତ୍ତ୍ୱେ ପିଲାମାନଙ୍କୁ ଅଟକ ରଖାଯାଇଛି । ସେଠାରେ ପିଲାମାନେ ପ୍ରବଳ ମାନସିକ ଚାପରେ ରହିଛନ୍ତି । ଚାଇଲଡ କେୟାର ସେ[ର ଆଜି ପିଲାମାନଙ୍କୁ ଛାଡ଼ିବା ପାଇଁ କହିଥିଲେ, ସେହି ଅନୁଯାୟୀ ଆମେ ସମସ୍ତ ଅଭିଭାବକ ଏକତ୍ରିତ ହୋଇ ଉତ୍କଳ ବାଳାଶ୍ରମ ଶିଶୁ ସୁରକ୍ଷା ସେଲରେ ପହଂଚିଥିଲୁ, କିନ୍ତୁ ସେଠାରେ ଥିବା ଅଧିକାରୀ ମାନେ ଛାଡିବା ପାଇଁ ମନା କରିଦେଲେ । ପିଲା ମାନେ ମାନସିକ ଚାପରେ ରହିଛନ୍ତି । ଏହି ପରିପ୍ରେକ୍ଷିରେ ଅଭିଭାବକମାନେ ଆଜି ବାଲେଶ୍ୱର ଜିଲ୍ଲାପାଳନଙ୍କ ଅନୁପସ୍ଥିରେ ଏ ଡି ଏମ ସାକ୍ଷାତ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରି ପୁଲିସ ର ଏତାଦୃଶ ଅନ୍ୟାୟ କାର୍ଯ୍ୟକୁ ଦୃଢ ନିନ୍ଦା କରିବା ସହିତ ଅବିଳମ୍ବେ ପିଲାମାନଙ୍କୁ ଛାଡ଼ିବା ପାଇଁ ଦାବୀ କରି ଛନ୍ତି । ଏସ ୟୁ ସି ଆଇ (କମ୍ୟୁନିଷ୍ଟ ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ବେହେରା, ଉମାକାନ୍ତ ଦାସ, କେଶବ ନାୟକ, ସୁଦର୍ଶନ ଦାସ, ଅଭିଭାବକ ଶ୍ୟାମ ବନରା,ବାଙ୍ଗରା ଉଗ୍ରସନ୍ଦୀ, ତୁରୀ ଉଗ୍ରସନ୍ଦୀ, ନୀତିମା ସମାଡ଼, ଉଦୁରୀ ତିଉ, ସୀତାରାମ ସିଂ, ପ୍ରଧାନ ଚରଣ ସିଂ, ସିଙ୍ଗରାଇ ଦେଓଗାଁ, ମହେନ୍ଦ୍ର ସିଂ, କାୟା ସିଂ, ବମିୟା ସିଂ, ସୋମିଆ ବିରୁଆ, ଗଙ୍ଗାଧର ପୂର୍ତି, ବନମାଳୀ ପୂର୍ତି, ଜଗରାଇ ପିଙ୍ଗୁଆ, ସୁକାନ୍ତି ସମାଡ଼, ରାଉତରାୟ ସିଂ ଦାବୀ ପତ୍ର ପ୍ରଦାନ କରି ପିଲାମାନଙ୍କୁ ଛାଡ଼ିବା ପାଇଁ ଦାବୀ କରିଛନ୍ତି ।ଯଦି ପ୍ରଶାସନ ପଦକ୍ଷେପ ନନିଅନ୍ତି ଅଭିଭାବକ ମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

# ବିକଟାଳ ଶବ୍ଦ କରୁଥିବା ୧୮ ବାଇକ୍‌ରୁ ସାଇଲେନ୍ସର ଜବତ, ୨୭ ହଜାର ଜରିମାନା ଆଦାୟ

ବାଲେଶ୍ୱର, ବାଲେଶ୍ୱର ସହରରେ ଦିନକୁ ଦିନ ଅମାନିଆ ବାଇକ୍ ? ଚାଳକଙ୍କ ଉପଦ୍ରବ ବଢୁଥିବାବେଳେ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ରାସ୍ତାରେ ଯାତାୟାତ କରୁଥିବା ଯୁବପିଢିଙ୍କ ବିରୋଧରେ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏସ୍ ?ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ସହଦେବଖୁ[। ଥାନା ଓ ଟାଉନ୍ ? ଥାନା ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଯାଂଚ କରାଯାଇଥିଲା ।ଏହି ଯାଂଚ ସମୟରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ୍ ? ଲଗାଇଥିବା ୧୮ଟି ବାଇକ୍ ?କୁ ଜବତ କରାଯାଇଥିଲା । ସେଥିସହିତ ସମ୍ପୃକ୍ତ ବାଇକ୍ ? ଚାଳକଙ୍କଠାରୁ ମୋଟ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।ସହଦେବଖୁ[। ଥାନା ପୁଲିସ ୯ ଜଣ ବାଇକ୍ ? ଚାଳକଙ୍କଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ କରିଥିବାବେଳେ ଟାଉନ୍ ? ଥାନା ପୁଲିସ ଅନ୍ୟ ୯ଟି ବାଇକ୍ ?ଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରିଛି । ସହରରେ ଶବ୍ଦ ପ୍ରଦୂଷଣ ରୋକିବା ସହ ସାଧାରଣ ଲୋକଙ୍କ ସୁରକ୍ଷା



ଓ ସୁବିଧାକୁ ଦୃଷ୍ଟିରେ ରଖି ଏଭଳି ଯାଂଚ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ଭାବେ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।



ତୈଳ ସଂକଟ ପାଇଁ ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଉପଜିଲ୍ଲାପାଳ ଶିବା ମାଲବ୍ୟ ଦୁହେଁ ସାଇକେଳ ଯୋଗେ ବାଲେଶ୍ୱର ସଦର ମହକୁମାରୁ ରେମୁଣା ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାତ୍ରା କରୁଛନ୍ତି । (ଫଟୋ-ଦେବବ୍ରତ ପାଣିଗ୍ରାହୀ)

# ବିର୍ଲା ଟାୟାର୍ସରେ ସାକ୍ଷାତକାର ବେଳେ ଉତେଜନା

ବାଲେଶ୍ୱର,(ନି.ପ୍ର.)) : ବିର୍ଲା ଟାୟାର୍ସରେ ସାକ୍ଷାତକାର ବେଳେ ଫାଟକ ସମ୍ମୁଖରେ ଉତେଜନା ପରିସ୍ଥିତି ଘଟିଛି । ଶୁକ୍ରବାର ଓ ଶନିବାର ଦୁଇଦିନ ବ୍ୟାପୀ ବିର୍ଲା ଟାୟାର୍ସ ପକ୍ଷରୁ ନିଯୁକ୍ତି ସୁଯୋଗ ବାହାରି ସାକ୍ଷାତକାର ହୋଇଥିଲା । ସକାଳ ସାଢ଼େ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ପଞ୍ଜୀକରଣ ସମୟ ରହିଥିବା ବେଳେ ଶନିବାର ଥିଲା ଶେଷ ଦିନ । ଡିପ୍ଲୋମା ଓ ଆଇଟିଆଇର ଯୁବକଯୁବତୀ ସାକ୍ଷାତକାର ପାଇଁ ଆସିଥିଲେ । କିନ୍ତୁ ସମୟ ଶେଷ ହୋଇଯାଇଥିବାରୁ ଅନେକ ଫେରି ଯାଇଥିଲେ । ଯେହେତୁ ଶନିବାର ଶେଷ ଦିନ ଥିବାରୁ ପାଖାପାଖି ୪ ହଜାରରୁ ଅଧିକ ଯୁବକଯୁବତୀ ଭୋର୍ ସମୟରୁ ଆସି ପଞ୍ଜୀକରଣ କରିବା ପାଇଁ ଲାଇନ୍ ?ରେ ଛିଡ଼ା ହୋଇଥିଲେ । ଅନେକ ସମୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ମଧ୍ୟ ଗହଳି ହୋଇଥିଲା । ପଞ୍ଜୀକରଣ ସମୟ ଶେଷ ହେବାକୁ



ଥିବାବେଳେ ହଜାର ହଜାର ପିଲା ପଞ୍ଜୀକରଣ କରିପାରିନଥିବାରୁ ପରସ୍ପର ମଧ୍ୟରେ ଧସ୍ତାଧସ୍ତି ଲାଗିଥିଲେ ।ଏପରିକି କିଛି ସମୟ ପାଇଁଘଟଣା ସ୍ଥଳରେ ଉତେଜନା ଦେଖାଦେଇଥିଲା । ସମସ୍ତେ ଆଗକୁ ଯିବା ପାଇଁ ପରସ୍ପର ଝଗଡ଼ା ଆରମ୍ଭ କରିଥିଲେ । ପରେ ଚେୟାର୍ ପିଙ୍ଗା ଫୋପଡ଼ା ସହ ଜବରଦସ୍ତ ଫାଟକକୁ ପେଲି ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଘଟଣାସ୍ଥଳରେ ଶିଳ୍ପାଂଚଳ ପୁଲିସ ପହଂଚି ବୁଝାସୁଝା କରିଥିଲେ ।

# ଶ୍ରମିକ ଛଟେଇ ମାରଣ ନୀତିକୁ ବିରୋଧ: ପ୍ରଶାସନକୁ ସ୍ମାରକପତ୍ର

ବାଲେଶ୍ୱର, (ନି.ପ୍ର.) ଟିପିଏନଓଡିଏଲ ପକ୍ଷରୁ ଚାଲିଥିବା ଠିକା ଓ ଆଉଟସୋର୍ସିଂ ଶ୍ରମିକଙ୍କ ଅନ୍ୟାୟ ଛଟେଇକୁ ନେଇ ଶ୍ରମିକମହଲରେ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି । ଏହାକୁ ବିରୋଧ କରି **TPNODL Workers/Employees United Forum** ପକ୍ଷରୁ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ରାମଚନ୍ଦ୍ର ସାସମଲ, ସନ୍ତୋଷ କୁମାର ପୁହାଣ ପ୍ରମୁଖ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ବିସ୍ତୃତ ସ୍ମାରକପତ୍ର ଦାଖଲ କରାଯାଇଛି ।ଫୋରମର ଅଭିଯୋଗ ଅନୁଯାୟୀ, ବିଭିନ୍ନ ଝରଭୟକ୍ଟକ୍ସ ମାଧ୍ୟମରେ ଦିର୍ଘ ବର୍ଷ ଧରି ଞଚଘଡଉଖ ର ମୂଳ ବିଦ୍ୟୁତ ବିତରଣ କାର୍ଯ୍ୟରେ ନିଯୁକ୍ତ ଥିବା ଅନେକ ଶ୍ରମିକଙ୍କୁ ହଠାତ୍ କାମରୁ ବାହାର କରାଯାଉଛି । ଖାଲି ପଦ ଥିବା ସତ୍ତ୍ୱେ ଏପରି ଛଟେଇ କରାଯିବାକୁ ଫୋରମର ନେତୃବୃନ୍ଦ ଶ୍ରମିକ ବିରୋଧୀ,



ଅମାନବିକ ଓ ଆଇନ ବିରୋଧୀ ପଦକ୍ଷେପ ବୋଲି କହିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, **TPNODL** ପକ୍ଷରୁ ଗ୍ରହଣ କରାଯାଉଥିବା ଏହି ପଦକ୍ଷେପ **Industrial Disputes Act**, ୧୯୪୭ ଓ **Contract Labour (Regulation & Abolition) Act**, ୧୯୭୦ ର ସ୍ପଷ୍ଟ ଉଲ୍ଲଂଘନ । ଫୋରମ ତୁରନ୍ତ ଛଟେଇ ବନ୍ଦ କରିବା, ପୂର୍ବରୁ ବରଖାସ୍ତ ହୋଇଥିବା ଶ୍ରମିକଙ୍କୁ ପୁନର୍ବାର ନିଯୁକ୍ତି ଦେବା ଏବଂ ଞ୍ଚବଭବଶରଞ୍ଚରଭଷ୍ପ ସହ ଆଲୋଚନା କରିବାକୁ ଦାବି କରିଛି । **United Forum** କଠୋର ଚେତାବନୀ ଦେଇଛି ଯେ, ଆସନ୍ତା ୭ ଦିନ ମଧ୍ୟରେ ଯଦି ଶ୍ରମିକଙ୍କ ଦାବି ପୂରଣ ନହୁଏ, ତେବେ **Labour Commissioner** ଙ୍କ ନିକଟରେ ଆଇନଗତ ଅଭିଯୋଗ, ଖବଭକ୍ଟଙ୍କକ୍ସ ଉକ୍ଟଙ୍କକ୍ସଷ୍ପ ରେ ମାମଲା ସହ ଞଚଘଡଉଖ ର ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିକ୍ଷୋଭ, ନନ୍-କୋଅପରେସନ୍ ଓ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରାଯିବ । ଶ୍ରମିକମାନଙ୍କ କହିବା ଅନୁଯାୟୀ, "ବର୍ଷ ବର୍ଷର ପରିଶ୍ରମ ପରେ ଯଦି ଶ୍ରମିକଙ୍କୁ ଏଭଳି ଅନ୍ୟାୟଭାବେ ରାସ୍ତାକୁ ଆଣାଯାଏ, ତେବେ ସେହି ଅନ୍ୟାୟ ବିରୋଧରେ ଲଢ଼ାଇ ହେବ ଆହୁରି ଜୋରଦାର ।" ଏବେ ଦେଖିବାକୁ ବାକି ରହିଲା—**TPNODL** ପ୍ରଶାସନ ଓ ରାଜ୍ୟ ସରକାର ଏହି ଗୁରୁତର ପ୍ରସଙ୍ଗକୁ କେତେ ଗୁରୁତ୍ୱ ଦେଇ ଶ୍ରମିକଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ହସ୍ତକ୍ଷେପ କରୁଛନ୍ତି ।





# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ପରିଚାଳନା କମିଟି ବୈଠକ



କଟକ(ନିପ୍ର): ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୌସୁମୀ ସମୟରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି । ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଉପଜିଲ୍ଲାପାଳ ଆଠଗଡ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ସେବା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି, ଆନ୍ତଃ ବିଭାଗୀୟ ସମନ୍ୱୟ ଏବଂ ଠିକ୍ ସମୟରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ନଦୀବନ୍ଧ ମରାମତି କରିବା, ନଦୀ ଓ କେନାଲ ବନ୍ଧର ଘାଇଗୁଡିକୁ ବନ୍ଦ କରିବା, ଦୁର୍ବଳ ସ୍ଥାନଗୁଡିକୁ ମରାମତି କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ଯାଂଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ବନ୍ୟା ଜଳର ସୁଗମ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ସଫା ରଖିବାକୁ ବିଡିଓ ଓ କଟକ ମହାନଗର ନିଗମର ଅଧିକାରୀମାନଙ୍କୁ କୁହାଯାଇଛି । ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମେତ କଟକ ମହାନଗର ନିଗମ, ଉପଖଣ୍ଡ, ବ୍ଲକ ଏବଂ ତହସିଲ ସ୍ତରରେ ମାର୍ଚ୍ଚ ଏକ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଂଟିଆ କଂଟ୍ରୋଲ ରୁମ କାର୍ଯ୍ୟ କରୁଛି । ବନ୍ୟା ତଥା ବାତ୍ୟାପ୍ରବଣ ଅଂଚଳରେ ପର୍ଯ୍ୟାପ୍ତ ପରିମାଣର ରିଲିଫ ଓ ଶୁଖିଲା ଖାଦ୍ୟ ମହଜୁଦ୍ ରଖିବା ଓ ରିଲିଫ ପହଂଚାଇବା ରାସ୍ତାର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଜଳ ଉତ୍ସଗୁଡିକର ବିଶୋଧନ, ଜରୁରୀକାଳୀନ ଡାକ୍ତରୀ ସେବା, ବିଦ୍ୟୁତ ତାର ଓ ଖୁଂଟଗୁଡିକର ମରାମତି, କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସଚେତନ କରାଇବା, ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଓ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସେହିପରି ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ସ୍ଥାନାନ୍ତରଣ ଓ ପରିବହନ ବ୍ୟବସ୍ଥା କରିବାକୁ ଜିଲ୍ଲା ପରିବହନ ଅଧିକାରୀଙ୍କୁ କୁହାଯାଇଛି । ଜରୁରୀ ସମୟରେ ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ବାହିନୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମେ ୨୦ରେ ଜିଲ୍ଲାର ସମସ୍ତ ମେଡିସିନ ଦୋକାନ ବନ୍ଦ

ବାରିପଦା(ନିପ୍ର): ଔଷଧର ଅନଲାଇନ ପ୍ରକ୍ରିୟାକରଣ ବନ୍ଦ କରିବା, କର୍ପୋରେଟ ସଂସ୍ଥା ଦ୍ୱାରା ଔଷଧରେ ଦିଆଯାଉଥିବା ମାତ୍ରାଧିକ ରିହାତିକୁ ବନ୍ଦ କରିବା, ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବ, ବଜାରରୁ ନକଲି ଔଷଧ ନିଷିଦ୍ଧ କରିବା ପ୍ରତିବାଦରେ ଅସନ୍ତା ମେ ୨୦ ତାରିଖ ବୁଧବାର ଦିନ ସର୍ବଭାରତୀୟ ଔଷଧ ଦୋକାନୀ ସଂଘ ପକ୍ଷରୁ ଏକ ଦିନିକିଆ ବନ୍ଦ ପାଳନ ପାଇଁ ଡକରା ଦିଆଯାଇଛି । ଏଣୁ ଏହି ବନ୍ଦକୁ ସଫଳ କରିବା ପାଇଁ ଏବଂ ଜନସାଧାରଣଙ୍କ ଜରୁରୀକାଳୀନ ସୁବିଧା ଦିଗକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘ ତରଫରୁ ଏକ ପ୍ରସ୍ତୁତି ବୈଠକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘର ସଭାପତି ବିକାଶ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସଭ୍ୟ ତଥା ଟ୍ରେଡ୍ ଏଫଆୟାରସ କମିଟି ଚେୟାରମେନ ସରୋଜ କୁମାର ସାହୁ, ସମ୍ପାଦକ ମାନସରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନରେଶ ଅଗ୍ରୱାଲ ଏବଂ ଅମିୟ ମହାପାତ୍ର ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜନସାଧାରଣଙ୍କ ସୁବିଧା ପାଇଁ ଅତ୍ୟାବଶ୍ୟକୀୟ ଜରୁରୀକାଳିନ ଔଷଧ ସେବା ଉପଲବ୍ଧ ରହିବ ବୋଲି ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘର ସଭାପତି ବିକାଶ କୁମାର ମହାନ୍ତ ଓ ସମ୍ପାଦକ ମାନସରଞ୍ଜନ ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି ।

# ବ୍ଲକ ବାରିକ ସଂଘର ସଭାପତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ବାରିକ ସଂଘର ଦୀର୍ଘବର୍ଷ ଧରି ସଭାପତି ଥିବା ନରୁତମ ମାହାନାଙ୍କ ୭୬ ବର୍ଷ ବୟସରେ ରବିବାର ମୃତ୍ୟୁ ଘଟିଛି । ସ୍ୱର୍ଗତ ମାହାନାଙ୍କ ବିୟୋଗରେ ସୋମବାର ବାଲିଆପାଳ ବ୍ଲକ ବାରିକ ସଂଘ ପକ୍ଷରୁ ବ୍ଲକ ଛକରେ ଶ୍ରଦ୍ଧାଞ୍ଜଳି ସଭା ସହିତ ବାଲିଆପାଳ ବସ ଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସଂଘରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରୁ ସଦସ୍ୟ ଥିବା କାଳିପଦା, ଜାମକୁଣ୍ଡା, ରତାଇ, ଲଙ୍ଗଳେଶ୍ୱର ଆଦି ଅଂଚଳରୁ ଥିବା ସମସ୍ତ ସଦସ୍ୟ ମାନେ ସେଲୁନ ଦୋକାନୀ ବନ୍ଧୁ ମାନେ ନିଜ ନିଜର ଦୋକାନ ବନ୍ଦ ରଖି ଶ୍ରଦ୍ଧାଞ୍ଜଳି ସଭା ଓ ଶାନ୍ତି ଶୋଭାଯାତ୍ରାରେ ଯୋଗଦେଇଥିଲେ । ବରିଷ୍ଠ ସଦସ୍ୟ ତଥା ସଂଘର ସମ୍ପାଦକ ମନ୍ମଥ ବାରିକ, ସଦସ୍ୟ ଅଜୟ ବାରିକ, ଅଦ୍ୱୈତ୍ୟ ବାରିକ, ପୁରଷ୍ତମ୍ ବାରିକ, ସୁନିଲ ବାରିକ, ସୁଜୟ ବାରିକ, ସନାତନ ବାରିକ, ସଞ୍ଜୟ ବାରିକ, ଦୀପକ ବାରିକ, ପ୍ରଶାନ୍ତ ବାରିକ, ସୁଶାନ୍ତ ମାନ୍ନା, ପ୍ରଭାକର ମାନ୍ନା, ପ୍ରଶାନ୍ତ ମାନ୍ନା, ଚିନ୍ତାମଣି ବାରିକ, ଜୟନ୍ତ ବାରିକ, ତପି ବାରିକ, କାଳି ଚରଣ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାହାନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଗୁଣ କୀର୍ତି ବଖାଣି ଥିଲେ । ଏଥି ସହିତ ସ୍ୱର୍ଗତ ମାହାନାଙ୍କ ବିୟୋଗରେ ସୋମବାର ବ୍ଲକ ଛକ ବଣିକ ସଂଘ ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସ୍ୱର୍ଗତ ମାହାନାଙ୍କ ଜନ୍ମ ସ୍ଥାନ ବଡାଶ ପଂଚାୟତର ଜଗାଇ ଗ୍ରାମରେ ହୋଇଥିଲେ ମଧ୍ୟ ବହୁବର୍ଷ ପୂର୍ବରୁ ବାଲିଆପାଳ ପଂଚାୟତର କଚୁଆପଡା ଗ୍ରାମରେ ଘର କରି ରହିବା ସହିତ ବ୍ଲକ ଛକରେ ପ୍ରଥମେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ସେ କିଛି ମାସ ହେବ ବୟସାଧିକ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ । ତାଙ୍କ ବିୟୋଗ ପରେ ପରିବାର ଲୋକ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ । ବଡପୁତ୍ର ସୁବାସ ମୁଖାଗ୍ନି ଦେଇଥିଲେ ।

# ଚିନାବାଦାମ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବ ଜାତୀୟ ତୈଳବୀଜ ମିଶନ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅର୍ନ୍ତଗତ ଝଗ୍ରାହି ଗ୍ରାମ ପଂଚାୟତର କୁଟରିବାହାଲ ଗ୍ରାମ ଠାରେ ଚିନାବାଦାମ ଚାଷ କରି ଚାଷୀଙ୍କ ଆୟ କୁ ଦ୍ୱିଗୁଣିତ କରିବା ସହ ଅଧିକ ଲାଭବାନ ହେବାରେ ସହଯୋଗ କରିଅଛି । ଜାତୀୟ ତୈଳ ବୀଜ ମିଶନ ଜରିଆରେ କୃଷି ଓ କୃଷକ ଙ୍କ ଉତ୍ପାଦନ ବୃଦ୍ଧି ସାଙ୍ଗକୁ ନିର୍ଭର ଯୋଗ୍ୟ ଆୟ କୁ ସୁନିର୍ଶ୍ଚିତ କରିଅଛି । କୃଷି ଓ କୃଷକ କଲ୍ୟାଣ ବିଭାଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇକ୍ରିସେଟ ଓ ୟାର ସଂସ୍ଥା ପ୍ରୋତ୍ସାହନ ଦ୍ୱାରା ଅଣ ଧାନ ଚାଷ ସାଙ୍ଗକୁ ତୈଳ ବୀଜ ଚାଷ କରିଛନ୍ତି । କୁଟରିବାହାଲ, ମାଲିମୁଣ୍ଡା ବୃନ୍ଦାପାଟ, ଖୟବାହୀ ଲାଲଭଟ୍ଟ, ଜନ୍ଦ୍ରାମୁଣ୍ଡା ଭଳି ୮ ଖଣ୍ଡ ଗ୍ରାମରେ ଚିନାବାଦାମ ଚାଷ ହୋଇଅଛି । ଚଳିତ ରବି ଋତୁରେ ସମଗ୍ର ଜିଲ୍ଲାରେ ୧୦୫୯ ଚାଷୀଙ୍କ ୫୦୦ ହେକ୍ଟର ଜମିରେ ଚିନାବାଦାମ ଚାଷ କରିଛନ୍ତି । ଯାହାକି ଚାଷୀଙ୍କ ଆୟ ସୁନିର୍ଶ୍ଚିତ ହୋଇଅଛି । ଜଡାମୁଣ୍ଡା ମଧ୍ୟମ ଜଳ ସେଚନ ପ୍ରକଳ୍ପ ରେ ଜମି ସେଚିତ ହେଉଥିବା ବେଳେ ଡିପ ଜମି ଖାଲିପଡ଼ି ରହୁଥିଲା । ଇକ୍ରିସେଟ ଓ ୟାର ସଂସ୍ଥା ବିହନ ସହାୟତା ଏବଂ ଆଧୁନିକ ପ୍ରଣାଳୀ ପ୍ରୟୋଗ, ବୈଜ୍ଞାନିକ ପରାମର୍ଶ ଦ୍ୱାରା ଅଧିକ ଅମଳ କ୍ଷମ ହୋଇଥିବା ବେଳେ ଜମିରେ ତୈଳବୀଜ ଉତ୍ପାଦନ କରିଛନ୍ତି । ବିଶେଷ କରି ଚାଷୀମାନେ ଚିନାବାଦାମ ମଣ୍ଡି ଯଥା ନୂଆପଡ଼ା ବ୍ଲକରେ ଦର୍ଲପଦ, କୋମନା ବ୍ଲକରେ ଭେଳା ଏବଂ ତର୍ବୋଡ, ଖଡ଼ିଆଳ ବ୍ଲକ ଖଡ଼ିଆଳ, ବୋଡ଼େନ ବ୍ଲକ ଖଇରା ଏବଂ ସିନାପାଲି ବ୍ଲକ ଗୋଲ୍ଲା ଠାରେ ମଣ୍ଡି ଖୋଲିବା ପାଇଁ ଚାଷୀ ମାନେ ଅନୁରୋଧ ଏବଂ ଉତ୍ପାଦିତ ଚିନାବାଦାମ ବିକ୍ରି କରିବା ପାଇଁ ଦାବୀ କରିଛନ୍ତି । ଚଳିତ ରବି ଚାଷରେ ୭୦୦୦ କ୍ୱିଂଟାଲ ଅମଳ ହେବାର ଅନୁମାନ କରାଉଥିବା ବେଳେ ୪୦୦୦ କ୍ୱିଂଟାଲରୁ ଅଧିକ ଚିନାବାଦାମ ମଣ୍ଡି ଜରିଆରେ ବିକ୍ରି ହେଲେ ଚାଷୀ ମାନେ ଲାଭବାନ ହେବେ ବୋଲି ଅନୁଆମନ୍ କରାଯାଉଛି ।




# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୯୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ଭତା ପାଇବା ପାଇଁ ୭ ଟି, ପୋଲିସ ସହାୟତା ପାଇବା ପାଇଁ ୭ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇ ଥିଲା । ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଅଜୟ କୁମାର ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର, ସନ୍ଦିପ ସିଂ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।



# ରେଳ ଷ୍ଟେସନ ନବୀକରଣରେ ବିଳମ୍ବ, ବଢ଼ୁଛି ଜନଅସନ୍ତୋଷ

ବେତନଟୀ(ନିପ୍ର): ଅମୃତ ଭାରତ ଯୋଜନା ଅନ୍ତର୍ଗତ ବେତନଟୀ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ପାରିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିର୍ମାଣ କାର୍ଯ୍ୟର ଶିଥିଳ ଗତି ଓ ଅଧିକାରୀଙ୍କ ପ୍ରତିଶୃତି ପରେ ପ୍ରତିଶ୍ରୁତି ସତ୍ତ୍ୱେ ଆଖିଦୃଶିଆ ଉନ୍ନତିକରଣ ନହେବା ଯୋଗୁଁ ସ୍ଥାନୀୟ ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଏବଂ ବିଧାୟକ ସନାତନ ବିଜୁଳିଙ୍କ ଉପସ୍ଥିତିରେ ବେତନଟୀ ସମେତ ଆଖପାଖ ରେଳ ଷ୍ଟେସନ୍‌ଗୁଡ଼ିକର ନବନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା । କିନ୍ତୁ ତା'ପରଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ସତ୍ତ୍ୱେ ପ୍ଲାଟଫର୍ମ, ଅଣ୍ଡରପାସ୍, ଆଲୋକୀକରଣ, ପାର୍କିଂ, ବାଇକ୍ ଓ ସାଇକଲ୍ ଷ୍ଟାଣ୍ଡ ଆଦି କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ରୂପ୍‌ସା-ବାଙ୍ଗିରିପୋଷି ରେଳ ରୁଟ୍‌ର ୮୯ କିଲୋମିଟର ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁଙ୍କ ଉଦ୍ୟମରେ ଅଟଳ ବିହାରୀ ବାଜପେୟୀ ସରକାର ସମୟରେ ଆରମ୍ଭ ହୋଇଥିଲା ଏବଂ ୨୦୦୬-୦୭ରେ ବ୍ରଡ୍ ଗେଜ୍ ରେଳ ଚଳାଚଳ ଆରମ୍ଭ ହୋଇଥିଲା । କିନ୍ତୁ ବେତନଟୀ ଷ୍ଟେସନର ଆଧୁନିକୀକରଣ କ୍ଷେତ୍ରରେ ଦୀର୍ଘ ସମୟ ବିଳମ୍ବ ହେବାରୁ ଯାତ୍ରୀଙ୍କ ପାଇଁ ଅସୁବିଧା ବଢ଼ୁଛି । ଖଡ଼ଗପୁର ରେଳ ଡିଭିଜନର ଅଧିକାରୀମାନେ ବାରମ୍ବାର ପରିଦର୍ଶନ କରୁଥିବା ସତ୍ତ୍ୱେ କାର୍ଯ୍ୟର ଗତି ବେଗ ପାଉନାହିଁ । ଏହା ନେଇ ଟେଣ୍ଡର ପାଇଥିବା ଠିକାଦାରଙ୍କ ମନମାନି ଓ ଇଚ୍ଛାକୃତ ବିଳମ୍ବ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ସାଂସଦ ଏହି କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରୁ ନଥିବା ଏବଂ କେବଳ ଡିଆରଏମ୍ ଓ ଏଡିଆରଏମ୍‌ଙ୍କ ପ୍ରତିଶ୍ରୁତି ଉପରେ ନିର୍ଭର କରୁଥିବାରୁ ସମସ୍ୟାର ସମାଧାନ ହେଉନାହିଁ । ଏହି ରେଳ ଷ୍ଟେସନ୍ ପାଇଁ ଅଧିକ ଦୂରଗାମୀ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯିବା ସହ ନବୀକରଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବି କରାଯାଇଛି । ସ୍ଥାନୀୟ ଜନସାଧାରଣ ଆଶା କରୁଛନ୍ତି ଯେ, ରେଳ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରି ଯାତ୍ରୀ ସୁବିଧା ନିଶ୍ଚିତ କରିବ । ବିଳମ୍ବର ପ୍ରକୃତ କାରଣ ଖୋଜିବା ସହ ଦାୟିତ୍ୱହିନ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।

# ଇଟୁଆ ଗ୍ରାମରେ ତିନୋଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

ସୋର(ନିପ୍ର): ସୋରରେ ଦିନକୁ ଦିନ ଚୋରି ଡକାୟତି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପୁଲିସ୍ ହାତବାନ୍ଧି ବସିଛଇ । ବିଶେଷ କରି ଠାକୁର ଓ ଠାକୁରାଣୀ, ମନ୍ଦିର ମଠ ମଣ୍ଡପରେ ଚୋରମାନେ ବାରମ୍ବାର ଚୋରି ଠାକୁରଙ୍କୁ କଳାକନା ବୁଲେଇ ଦେଇଥିବା ସ୍ଥଳେ ପୁଲିସ ଚୋରଙ୍କ ଟେରପାଉନି । ସେହିପରି ଗତକାଲି ବିଳମ୍ବିତ ରାତିରେ ଇଟୁଆ ଗ୍ରାମରେ ସିରିଜ୍ ଚୋରି ଦେଖିବାକୁ ମିଳିଛି । ଇଟୁଆ ଗ୍ରାମରେ ଥିବା ମା'ମଙ୍ଗଳାଙ୍କ ମନ୍ଦିରରୁ ରୂପାମୁକୁଟ, ସୁନା ହାର ଓ ବାସୁଳି ମନ୍ଦିରରୁ ରୂପାମୁକୁଟ, ରୁପା ହାର ଚୋରି ହୋଇଥିବା ବେଳେ ଶିବ ମନ୍ଦିରରୁ ଚୋରି ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ସାମଗ୍ରୀ ଚୋରି ହୋଇନଥିବା ଜଣାପଡିଛି । ସକାଳେ ସ୍ଥାନୀୟ ଲୋକେ ମନ୍ଦିରର ଚାବି ଭଙ୍ଗାଯାଇ ଚୋରି ହୋଇଥିବା ଦେଖିଥିଲେ । ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଏଡା ପୂର୍ବରୁ ସୋର ଥାନା ଅଂଚଳର ଅନେକ ମନ୍ଦିରୁ ଚୋରି ହୋଇଥିବା ଘଟଣା ଅଭିଯୋଗ ମୂଳେ ତଦନ୍ତରେ ସୀମିତ ରହିଛି ।

# ଓଡ଼ିଶା ନିଉଜ ଡିଜିଟାଲ ଚ୍ୟାନେଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

କଟକ(ନିପ୍ର): ଗାନ୍ଧୀଭବନର ସଭାଗୃହରେ ଓଡ଼ିଶା ନିଉଜ ଡିଜିଟାଲ ଚ୍ୟାନେଲର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି, ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ପ୍ରତିଜ୍ଞା'ର ମୁଖ୍ୟ ସଂପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ରାକେଶ କୁମାର ଶତପଥୀ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚୈଦ୍ୱାର ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଶ୍ରୀ ଯୁକ୍ତ ରଜନୀ କାନ୍ତ ସାହୁ ଯୋଗ ଦେଇ ଆଜିର ସମାଜ କ୍ଷେତ୍ରରେ ଓଡ଼ିଶା ନିଉଜ ଚ୍ୟାନେଲର ନିଉଜ ପରିବେଷଣ ସହିତ ଆଜିର ଦିନରେ ସମ୍ବାଦ ଓ ସାମ୍ବାଦିକ ଉପରେ ନଜର ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ, ଓଡ଼ିଶା ନିଉଜ ଚ୍ୟାନେଲର ମୁଖ୍ୟ ବିପିନ୍ ବିହାରୀ ପ୍ରହରାଜଙ୍କ ସହିତ ଅନୁଷ୍ଠାନର ସଭାପତି ଶ୍ରୀ ଯୁକ୍ତ ଗୌତମ ପ୍ରଧାନ ଉପସ୍ଥିତ ରହିଥିଲେ, ସଭା ସଭାପତିତ୍ୱ କରିଥିଲେ ଶ୍ରୀ ଯୁକ୍ତ ପ୍ରସନ୍ନ କୁମାର ବରାଳ ଏବଂ ସଭା ପରିଚାଳନା କରିଥିଲେ ଅନୁଷ୍ଠାନ ସଦସ୍ୟ ଶ୍ରୀ ଯୁକ୍ତ ମନୋଜ କୁମାର ବିଶ୍ୱାଳ, ବିଭିନ୍ନ କାର୍ଯ୍ୟରେ କୃତିତ୍ୱ ଲାଭ କରିଥିବା ଓ କିଛି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ସମାଜ ସେବୀ ଶ୍ରୀଯୁକ୍ତ ନିଶାକର ସାହୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା




# କୋର୍ଟ ପାଇଁ ଜାଗା ଚିହ୍ନଟ

ବାଲିଆପାଳ(ନିପ୍ର): ବାଲିଆପାଳରେ କୋର୍ଟ ସ୍ଥାପନ ପାଇଁ ସୋମବାର ପୂର୍ବାହ୍ନରେ ମଧୁପୁରା ପଂଚାୟତର ବଡ଼ ସିମୁଳିଆ ରାବଣ ପୋଡି ପଡିଆରେ ଜାଗା ଚିହ୍ନଟ କରାଯାଇ ନାଲି ପତାକା ମରାଯାଇଛି । ଏହି ଜାଗା ଟିକୁ ପୂର୍ବରୁ ବାଲିଆପାଳ ତହସିଲ ପକ୍ଷରୁ ଆଇନ୍ ବିଭାଗ ବଡ଼ ସିମୁଳିଆ ନାମରେ ନାମିତ କରାଯାଇ ଆଜି ଏହାର ଏରିଆ ନିର୍ଧାରଣ କରାଯାଇଛି । ଏହି ସମୟରେ କୋର୍ଟ ଅମିନ ଚନ୍ଦ୍ର ମାଧବ ମିଶ୍ର, ପ୍ରୋସେସ ସର୍ଭର ବଳରାମ ସାହୁ, ଆର ଡବ୍ଲୁ ଜେଇ ଭବେନ୍ଦ୍ର ନାଥ ଟୁଡୁ, ବାଲିଆପାଳ ତହସିଲର ରାଜସ୍ୱ ପରିଦର୍ଶକ ଅଧୀର କୁମାର ଦଳାଇ, ମଧୁପୁରା ଆରଆଇ ନଟ ରଞ୍ଜନ ଦତ, ଅମିନ ସୁଜୟ କୁମାର ପରିଡା, ବାଲିଆପାଳ ଥାନା ଆଇ ଆଇ ସି ସାଲଖାନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଜାଗା ଚିହ୍ନଟ କରି ନାଲି ପତାକା ମାରିଛନ୍ତି ।





କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ ।

# ଆଜିକାଲି



*ଅଅହଂକାରେଣ ମୂଢ଼ାତ୍ମା, ଗୀତାର୍ଥଂ ନୈବ ମନ୍ୟତେ*
*କୁମ୍ଭୀପାକେଷୁ ପଚ୍ୟେତ, ଯାବତ୍ କଳ୍ପକ୍ଷୟୋ ଭବେତ୍*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଯେଉଁ ମୂଢ଼ମନା ବ୍ୟକ୍ତି ଗୀତାର ଅର୍ଥକୁ ମାନେ ନାହିଁ, ସେ କଳ୍ପକ୍ଷୟ ହେବା ପର୍ଯ୍ୟନ୍ତ କୁମ୍ଭୀପାକ ନରକରେ ପଡ଼ି ସିଝୁଥାଏ ।

## ରୌଦ୍ରତାପର ପ୍ରଭାବ

ଗତ ୫/୬ ଦିନ ଧରି ପ୍ରବଳ ତାତିର ପ୍ରକୋପ ବଢ଼ିଛି । ଅଧିକାଂଶ ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି । ପଶ୍ଚିମଓଡ଼ିଶାର ସମସ୍ତ ସହର ଗୁଡ଼ିକ ଏବେ ଗରମ ତାତିରେ ଏକ ପ୍ରକାର ସିଝିଛି ତାତିର ବେଶ ପ୍ରଭାବ ପଡ଼ିଛି । କିନ୍ତୁ ଗ୍ରୀଷ୍ମ ପ୍ରବାହ ଆହୁରି ଜାରୀ ରହିବ ବୋଲି ସୂଚନା ମିଳୁଛି । କେବଳ ପଶ୍ଚିମଓଡ଼ିଶାରେ ନୁହେଁ ଉପକୂଳ ଅଂଚଳରେ ମଧ୍ୟ ପ୍ରଚଣ୍ଡ ଉତାପ ଯୋଗୁଁ ଲୋକେ ନାନା ସମସ୍ୟା ଘେରରେ ରହୁଛନ୍ତି । ଗତମାସରେ ଯେଭଳି ପ୍ରାୟ ଦୁଇ ସପ୍ତାହ ଧରି ପ୍ରଚଣ୍ଡ ରୌଦ୍ରତାପ ଲୋକଙ୍କୁ ଅସ୍ତବ୍ୟସ୍ତ କରିଥିଲା ଏବଂ ବହୁ ସହରରେ ତାପମାତ୍ରା୪୪ ଡିଗ୍ରୀକୁ ଟପି ଯାଇଥିଲା । ଏବେ ଯାହା ସୂଚନା ମିଳୁଛି ବହୁ ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି । କିନ୍ତୁ ଗୁଳୁଗୁଳିରେ ଲୋକେ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ସକାଳ ୧୦ଟା ପରଠାରୁ ପୂର୍ବଭଳି ରାସ୍ତାଘାଟ ଜନଶୂନ୍ୟ ହୋଇ ଯାଉଛି । ଯଦିଓ କେତେକ ସ୍ଥାନରେ ପାଗ ଦିନ ବେଳେ ସାମାନ୍ୟ ମେଘୁଆ ରହୁଛି କିନ୍ତୁ ଗୁଳୁଗୁଳି ବେଶ ପ୍ରଭାବ ପଡୁଛି । ମଝିରେ କେତେକ ସ୍ଥାନରେ ଯେଭଳି ବର୍ଷା ହୋଇଥିଲା ତାହା ସମୁଦ୍ରକୁ ଶଂଖେ ପାଣି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ସଂପ୍ରତି ରୌଦ୍ରତାପ ଓ ତାପମାତ୍ରାକୁ ନେଇ ଲୋକଙ୍କ ମଧ୍ୟରେ ଆହୁରି ଚିନ୍ତା ବଢ଼ିବା ସ୍ୱାଭାବିକା କାରଣ ଯେକୌଣସି ମୁହୂର୍ତରେ ଲୋକେ ଅଂଶୁଘାତରେ ପଡ଼ିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଏହି ଦୃଷ୍ଟିରୁ ଦିନ ୧୦ଟା ପରଠାରୁ ଲୋକେ ବାହାରକୁ ନ ଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଣି ସତର୍କ ସୂଚନା ଦିଆଯାଇଛି । ଏବଂ ଅଧିକାଂଶ ସ୍ଥାନରେ ପଇଡ଼, ସରବତ ବିକ୍ରି ବଢ଼ିବା ସଂଗେ ସଂଗେ ଏହାର ଦର ମଧ୍ୟ ବଢୁଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ଆଉ ଏକ ସୂଚନା ମିଳିଛି ୧୦ ଦିନ ପର୍ଯ୍ୟନ୍ତ ଏଭଳି ତାପମାତ୍ରା ଓ ରୌଦ୍ରତାପ ରହିପାରେ । ମୌସୁମୀ ଛୁଇଁଲା ପରେ ହିଁ ଏହାର ପ୍ରକୋପ କମିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି । ଏହି ଦୃଷ୍ଟିରୁ ଏବେଠୁ ଆମେ ସମସ୍ତେ ତାତି ଓ ରୌଦ୍ରତାପରୁ ରକ୍ଷା ପାଇବା ପାଇଁସମସ୍ତ ନିୟମ ପୂର୍ବଭଳି ପାଳିବା ଜରୁରୀ ।

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ -ଲୋକନାଥ ଚୌଧୁରୀ

◆ ଅକ୍ଷୟ କୁମାର ରାଉତ

ଜନ୍ମ ଜୟନ୍ତୀ ଉପଲକ୍ଷେ



ସମୟର ବିଚିତ୍ର ଖେଳ । ବିଚିତ୍ର ଏ ବିଶ୍ୱ । ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି । ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ । ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ । ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ । ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଲୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ । ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ । ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ । ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା । ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ । ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା । କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ । ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଡିଲେ । ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ । ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ । ୧୯୩୯ ମସିହାରେ ସେ ରେଭେନ୍‌ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ । କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ । ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷକଳାରେ ନାମ ଲେଖାଇଲେ । ୧୯୪୬ ମସି... ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ । ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ । ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ , ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର , ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା । ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା । ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ । ବି.ଏ. ପରିକ୍ଷା ଦେଇ ପାସ୍ କଲେ । ୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା । ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା । ସେ ଛାତ୍ର , କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ...ନରେ ପାର୍ଟି ତରଫରୁ ...ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ । ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ । ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟି ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ । ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା । ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ । ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ । ନିର୍ବାଚନ ଫଳ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ । ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ । ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ । ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି । ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି । ଫଳ ସ୍ୱରୁପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି । ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ । ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି. କେ. ଯୋଜନା ପ୍ରଣୟନ କରି ଥିଲେ । ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ । ଉପକୂଳ ବର୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ । ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁ ମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ , ବିଭୁପ୍ରସାଦ ତରାଇ , ଡଃ. କୁଳମଣି ସାମଲ । ମହାନ୍ ବିପ୍ଳବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ । ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ । ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ । ସେ ସର୍ବଦା ଆମଭିତରେ ବଂଚିରହିବେ

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର-ମୋ- ୯୯୩୭୬୯୧୪୭୫*

## ସାଇବାଣୀ



✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ, କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ ପୂର୍ବ ଜନ୍ମର ଫଳ ଭୋଗ ନିମନ୍ତେ ମନୁଷ୍ୟ ଜନ୍ମ ନେଇଥାଏ

✦ ପ୍ରାରବ୍ଧ କର୍ମର ଫଳ ଭୋଗିବା ପରେ ହିଁ ମନୁଷ୍ୟ ମୁକ୍ତି ପାଇଥାଏ ।

✦ ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଛାରେ, ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ ।

✦ ମୁକ୍ତି କେବଳ ଭଗବାନଙ୍କ ହାତରେ ଓ ଗୁରୁଙ୍କ ଚରଣରେ ରହିଥାଏ ।

✦ ଦୀନ ଦୁଃଖୀମାନଙ୍କ ନିମନ୍ତେ ସହାନୁଭୂତି ଭାବ ରଖ, ତାକୁ କଷ୍ଟ ଦିଅ ନାହିଁ ଏବଂ ତାକୁ ଘୃଣା କର ନାହିଁ ।

✦ ସର୍ବଦା ଚିନ୍ତାକର, ମୁଁ କିଏ ?

✦ ଯଶ- ଅପଯଶ, ହାନୀ- ଲାଭ, ଜନ୍ମ-ମୃତ୍ୟୁ ଏସବୁ ଭଗବାନଙ୍କ ଲୀଳା ଅଟେ ।

# ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚକାଟ୍ ଆହ୍ୱାନ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପେଟ୍ରୋଲ, ଡିଜେଲ ବ୍ୟବହାର କମ୍ କରିବା, ବୈଦ୍ୟୁତିକ ଯାନ ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆପଣାଇବା, ବର୍ଷକ ପାଇଁ ସୁନା କିଣିବା ବନ୍ଦ ରଖିବା, ବିଦେଶ ଗସ୍ତ ନକରିବା, କୋରୋନା ସମୟରେ ଘରେ ରହିବା କାମ କରିବା ଭଳି ଏବେ ଘରେ ରହିବା କାର୍ଯ୍ୟ କରିବା ଏବଂ ରସାୟନିକ ସାର ବ୍ୟବହାର ବନ୍ଦ କରିବା ଆଦି ସାତ ଦଫା ସମ୍ବଳିତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶର ଅର୍ଥନୀତି ଏବେ ଗୁରୁତର ସଂକଟର ସମ୍ମୁଖୀନ ହୋଇଥିବା ନେଇ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ କେବଳ ଅର୍ଥବ୍ୟବସ୍ଥା ନୁହେଁ, ଦେଶ ଗୁରୁତର ତୈଳ ସଂକଟର ସମ୍ମୁଖୀନ ହୋଇଥିବା ନେଇ ମଧ୍ୟ ସଂକେତ ଦିଏ । ସେହିପରି ଏହି ସାତ ଦଫା ପ୍ରସ୍ତାବର କାର୍ଯ୍ୟକାରୀ କରିବା ତଥା ସମ୍ଭାବ୍ୟ ଆର୍ଥୀକ ସଂକଟର ମୁକାବିଲା ପାଇଁ ଖର୍ଚ୍ଚକାଟ ଲାଗି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତାରେ ପରୋକ୍ଷ ପରାମର୍ଶ ଦେଇଛନ୍ତି, ଏଥିରେ ସନ୍ଦେହ ନାହିଁ । ଉଲ୍ଲେଖଯୋଗ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ପରିବହନର ମଧ୍ୟମ ହାମୁର୍ଜା ପ୍ରଣାଳୀ ଦୀର୍ଘ ୭୫ଦିନ ବନ୍ଦ ରହିଛି । ଏହାର ପ୍ରଭାବରେ ବିଶ୍ୱରେ ୨୦ପ୍ରତିଶତ ତୈଳ ଯୋଗାଣ ହ୍ରାସ ପାଇଛି । ପରିଣତି ସ୍ୱରୁପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ଯୋଗାଣ ହ୍ରାସ ପାଇଛି । ପରିଣତି ସ୍ୱରୁପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ସଂକଟ ସୃଷ୍ଟି ହେବା ସହ ଫେବୃୟାରୀ ମାସର ଦର ତୁଳନାରେ ତୈଳ ମୂଲ୍ୟ ୫୦ପ୍ରତିଶତ ବୃଦ୍ଧି ପାଇଛି । ଆମ ଦେଶରେ ତୈଳ ଓ ଗ୍ୟାସରେ ମାସିକ ୩୦ହଜାର କୋଟି କ୍ଷତି ହେଉଥିବାବେଳେ ଗତ ୩ମାସରେ ୯୦ହଜାର କୋଟି କ୍ଷତି ଘଟିଲାଣି । କେବଳ ଏତିକି ଦରବୃଦ୍ଧି ଯୋଗୁଁ ୨୦୨୫-୨୬ରେ ଅଶୋଧିତ ତୈଳ ଆମଦାନୀ ୧୭୩ ବିଲିଅନ ଡଲାରକୁ ବୃଦ୍ଧି ପାଇଛି । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫.୨ ଟଙ୍କାକୁ ହ୍ରାସ ପାଇଛି । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଏହା ସତ୍ୱେ ଦେଶରେ ଗ୍ୟାସ ଦର ବୃଦ୍ଧି ପାଇଥିବାବେଳେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତ ୪ବର୍ଷ ଧରି ଅପରିବର୍ତିତ ରହିଛି । ଆଉ ଯଦି କିଛି ଦିନ ଯୁଦ୍ଧ ଲାଗି ରହେ, ତେବେ ତୈଳଦର ବୃଦ୍ଧି ନିଶ୍ଚିତ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସଂକେତ ଦେଇ ସାରିଛନ୍ତି । ଦେଶରେ ହଜାର ହଜାର ପେଟ୍ରୋଲ ପମ୍ପରେ ଏତେ ତୈଳ ଅଭାବରୁ ତାଲା ପଡିଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ଇନ୍ଧନ ଗ୍ୟାସ ଆବଟଂନରେ କଟକଣା ଲାଗୁ ହୋଇଛି । ତେବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ସମ୍ଭାବ୍ୟ ସଂକଟ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ତାଙ୍କର କାରକେଡକୁ ୫୦ପ୍ରତିଶତ ହ୍ରାସ କରିଛନ୍ତି । ଓଡିଶା ସମେତ ସମସ୍ତ ବିଜେପି ଶାସିତରାଜ୍ୟର ମୁଖ୍ୟମନ୍ତ୍ରୀ କାରକେଡକୁ କାଟଛାଟ କରିଛନ୍ତି । କେତେକ ମନ୍ତ୍ରୀ ବସରେ ଯାତାୟତ କରିବା ପାଇଁ କହି ସାରିଲେଣି । ସେହପରି ଦେଶରେ ୨୦୨୫-୨୬ ରେ ସୁନା ଆମଦାନୀ ୭୧.୯ ବିଲିଅନ ଡଲାରକୁ ବୃଦ୍ଧି ପାଇଛି । ସୁନା ଓ ବିଦେଶ ଗସ୍ତର ପ୍ରଭାବ ସିଧାସଳଖ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡିଛି । ଯୁଦ୍ଧ ଲାଗିବାର ମାସକ ମଧ୍ୟରେ ଅର୍ଥାତ ମାର୍ଚ୍ଚ ମାସ ସୁଦ୍ଧା ବୈଦେଶିକ ମୁଦ୍ରା ଭଣ୍ଡାର ୩ପ୍ରତିଶତ ହ୍ରାସ ପାଇଥିଲା । ଟଙ୍କାର ମୂଲ୍ୟ ହ୍ରାସ ଦିନକୁ ଦିନ ବୃଦ୍ଧି ପାଇବା ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇବା ଯୋଗୁଁ ବହୁ ବୈଦେଶିକ ପୁଞ୍ଜି ନିବେଶକାରୀ ଇତମିଧ୍ୟରେ ଦେଶରୁ ସେମାନଙ୍କର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏକ ଅର୍ଥନୈତିକ ରିପୋର୍ଟରେ କୁହାଯାଇଛି ଯେ, ୨୦୧୬ଠାରୁ ଏମଓୟୁ ସ୍ୱାକ୍ଷରିତ କରିଥିବା ୩୬ଟି ବିଦେଶୀ କମ୍ପାନୀ ମଧ୍ୟରୁ ୧୩ଟି ପୁଞ୍ଜି ପ୍ରତ୍ୟାହାର କରିସାରିଲେଣି । ଦେଶରେ ପରିବାରଗୁଡିକ ନିକଟରେ ୩୫୦୦୦ଟନ ସୁନା ଅଳଙ୍କାର ମହଜୁଦ ରହିଥିବା ବେଳେ ମୂଲ୍ୟ ବୃଦ୍ଧି ସହ ଲୋକଙ୍କ ସୁନା ମୋହ କମି ନାହିଁ । ଏବେ ସରକାର ସୁନା ଆମଦାନୀ ଉପରେ ଆମଦାନୀ ଶୁଳ୍କ ଦୁଇଗୁଣରୁ ଅଧିକ ବୃଦ୍ଧି କରିବା ଯୋଗୁଁ ଏହାର ମୂଲ୍ୟ ଆକାଶଛୁଆଁ ହୋଇଛି । ଆଶା କରାଯାଏ ଲୋକଙ୍କ ସୁନା ପ୍ରତି ହ୍ରାସ ପାଇବ । ବିଶ୍ୱରେ ଭାରତ ଚତୁର୍ଥ ବୃହତମ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଥିବାବେଳେ ଏବେ ଷଷ୍ଠ ସ୍ଥାନକୁ ଖସିବା ଦେଶର ଅର୍ଥନୀତି ଯେ ସଂକଟଗ୍ରସ୍ତ, ଏହା ସ୍ୱୀକାର କରିବାକୁ ହେବ । ସେହିପରି ଯୁଦ୍ଧ ପରଠାରୁ ଦେଶରେ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି, କିନ୍ତୁ ଏହାର ମୁକାବିଲାରେ ସରକାର ହାତ ଟେକି ଦେଇଥିବା ମନେହୁଏ । ଯଦୀ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ଘଟେ, ଦରବୃଦ୍ଧି ଆହୁ ଉପର ମୁହାଁ ହେବା କେହି ରୋକିପାରିବେ ନାହିଁ, ଏହା ନିଶ୍ଚିତ । ଏଭଳି ଏକ ସଂକଟଜନକ ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଖର୍ଚ୍ଚକାଟ ପଦକ୍ଷେପ ଦ୍ୱିଧାର ହେବା ସହ ସମସ୍ୟାତ୍ମକ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ବିଦେଶଗସ୍ତ ନକରିବା ଫଳରେ ବିମାନ ଉଡାଣ ଉପରେ ଏହାର ପ୍ରଭାବ ପଡିବ । ତୈଳ ଉପରେ କଟକଣା ପେଟ୍ରୋଲ ପମ୍ପ ମାଲିକଙ୍କ ଆୟ ହ୍ରାସ କରିବ ସହ କର୍ମଚାରୀ ଛଟେଇକୁ ଏଡାଇ ଦିଆଯାଇନପାରେ । ସୁନା କିଣିବା ବନ୍ଦ ଉଭୟ ସୁନା ବ୍ୟବସାୟୀ ଓ କର୍ମଚାରୀଙ୍କୁ ପ୍ରଭାବିତ କରିବ । ଏପରିକି ଦୋକାନ ବନ୍ଦ ଓ କର୍ମଚାରୀ ଛଟେଇକୁ ଆମନ୍ତ୍ରଣ କରିବ । ସେହିପରି ବିବାହ ବନ୍ଧନକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କାକୁ ଅଣଦେଖା କରାଯାଇ ନପାରେ । ରାସାୟନିକ ସାର ବ୍ୟବହାର ବନ୍ଦ କୃଷି ଉତ୍ପାଦନ ହ୍ରାସ କରିବ । ଚଳିତ ବର୍ଷ ଏଲ ନିନୋ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଲାଗି ଅଗ୍ରସର ହେଉଥିବା ସମୟରେ ସାର ସଂକଟ ଅମଳ ହ୍ରାସ କରିବା, ଏଥିରେ ସନ୍ଦେହ ନାହିଁ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନର ସମୟ । ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଖର୍ଚ୍ଚକାଟ ପାଇଁ ଆହ୍ୱାନ ଦେବା । ନିର୍ବାଚନ ବେଳେ ହଜାର ହଜାର ଗାଡ ମୋଟର ବୁଲାଇବା, ସଭା ସମିତି ଶୋଭାଯାତ୍ରାରେ ଯାନବହାନ ବ୍ୟବହାର ଓ ପ୍ରଚାର ଅଭିଯାନରେ କୋଟି କୋଟି ଟଙ୍କାର ତୈଳ ପୋଡୁଥିଲା । କୌଣସି ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ଏନେଇ ପଦୁଟିଏ ନକହିବାର କାରଣ କ'ଣ ବୁଝାପଡୁ ନାହିଁ । ଏବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ବିରାଡି ଯନ୍ତାରୁ ବାହାରି ଯିବା ସଦୃଶ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ ମୋ-୯୪୩୭୯୯୪୩୭୯*

# ମୃତ୍ୟୁ ପାଇଁ ପ୍ରସ୍ତୁତି ହିଁ ଜୀବନ

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଜୀବନକୁ ପ୍ରକୃତ ଅର୍ଥରେ ବଂଚିବାକୁ ହେଲେ ମୃତ୍ୟୁ କ'ଣ ଜାଣିବା ଆବଶ୍ୟକ । କାରଣ ଅନେକ ସମୟରେ ମୃତ୍ୟୁର ଭୟ ମନୁଷ୍ୟକୁ ଜୀବନର ପ୍ରକୃତ ଆନନ୍ଦଠାରୁ ଦୂରେଇ ନେଇଥାଏ । ଏଣୁ ମୃତ୍ୟୁର ଭୟକୁ ମନରୁ ଦୂର କରିବା ଉଚିତ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଏହାକୁ ପ୍ରୟୋଗ କରିବା ଉଚିତ । ଯେପରିକି ସକାଳେ ଉଠିବା ପରେ ମନେ କରନ୍ତୁ ଏହା ହେଉଛି ଆପଣଙ୍କ ଜୀବନର ଶେଷ ଦିନ । ଆଉ ନିଜ ଜୀବନର ଶେଷ ଦିନରେ ଆପଣ କଣ କରିବେ ତାର ଏକ ତାଲିକା ମନରେ ପ୍ରସ୍ତୁତ କରି ଦିଅନ୍ତୁ । ଏପରି ସ୍ଥଳେ ଆପଣ ସ୍ୱାଭାବିକ ଭାବେ ଅନ୍ୟମାନଙ୍କ ପ୍ରତି ଯଥାସମ୍ଭବ ବିନମ୍ର ହେବାକୁ ଚେଷ୍ଟା କରିବେ । ଆପଣଙ୍କ ବ୍ୟବହାର ପରିମାର୍ଜିତ ହୋଇଯିବ । ଏହା ସହ ମନରେ ଚିନ୍ତା କରନ୍ତୁ ଯେ ଜୀବନ ହେଉଛି ଈଶ୍ୱରଙ୍କ ବରଦାନ । ତାଙ୍କ ଇଛାରେ ଆମେ ଏ ପୃଥିବୀକୁ ଆସିଛୁ ଓ ତାଙ୍କ ଇଛାରେ ହିଁ ଆମେ ଏହି ପୃଥିବୀରୁ ବିଦାୟ ନେବା । ଆଉ ଜନ୍ମ ଓ ମୃତ୍ୟୁ ମଧ୍ୟରେ ସବୁ କାର୍ଯ୍ୟ କେବଳ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ । ଏଣୁ ଆମେ କେବଳ ମାଧ୍ୟମ ଅଟୁ । ଏଥିପାଇଁ ଜୀବନର ପ୍ରତ୍ୟେକ କ୍ଷଣର ଆନନ୍ଦ ଉପଭୋଗ କରିବା ଉଚିତ । ଏଣୁ ପ୍ରତ୍ୟେକ ଦିନକୁ ଜୀବନର ଶେଷ ଦିନ ଭାବି କାର୍ଯ୍ୟ କରିବା ଉଚିତ ।



ଏହାଦ୍ୱାରା ଚାରିଆଡ଼େ ସ୍ନେହ, ପ୍ରେମ ଓ ଶାନ୍ତି ଭରିଯିବ । ଜୀବନ ମୃତ୍ୟୁ ପାଇଁ ପ୍ରସ୍ତୁତି । ଜନ୍ମଠାରୁ ପ୍ରତ୍ୟେକ ମୁହୂର୍ତରେ ଜୀବନ କ୍ଷୟ ହେଉଛି । ନିଶ୍ୱାସେ ନାହିଁ ବିଶ୍ୱାସ । କେତେବେଳେ ଜୀବନ ଶେଷ ହେଇଯିବ ଏ ଜୀବନ ଅନିଶ୍ଚିତ । ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କର ମୃତ୍ୟୁ ପାଇଁ ପ୍ରସ୍ତୁତ ଘଟଣା ବର୍ଣ୍ଣନା କରିବା, ସେ ମୃତ୍ୟୁଜୟୀ ଥିଲେ । ସକ୍ରେଟିସ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ତାଙ୍କ ବିରୁଦ୍ଧରେ କୁହାଗଲା ସେ ଯୁବ ସମ୍ପ୍ରଦାୟଙ୍କୁ ବିଭ୍ରାନ୍ତ କରୁଛନ୍ତି । ତାଙ୍କର ସମସାମୟିକ ବନ୍ଧୁ ପରାମର୍ଶ ଦେଲେ ଆପଣ କ୍ଷମା ମାଗନ୍ତୁ ମୃତ୍ୟୁଦଣ୍ଡ ଅପସାରିତ ହୋଇଯିବ । ସେ ନାସ୍ତି କଲେ । ସେ ଉତର ଦେଲେ ମଣିଷ ଅମର ନୁହେଁ ଦିନେ ନା ଦିନେ ମୃତ୍ୟୁ ବରଣ କରିବ । ଆଜି କାହିଁକି ନୁହେଁ, ଏ ଜୀବନରେ କେହି ଅମରତ୍ୱ ପାଇନାହାଁନ୍ତି । ସଂଧ୍ୟା ଆସୀନ, ବିଷ ପାନ ଦେବା ବ୍ୟକ୍ତିକୁ ଡାକି ବିଷ ପ୍ରୟୋଗ କରିବାକୁ ବାଧ୍ୟ କଲେ । ବିଷ ପାନ କରି ସଂସାରରୁ ବିଦାୟ ନେଲେ । ଏହା ହିଁ ମୃତ୍ୟୁ ବିହୀନ ମୃତ୍ୟୁ । ସେ ମୃତ୍ୟୁକୁ ଜୟ କରି ଅକ୍ଷୟ ଧ୍ୱଜା ଉଡାଇ ଗଲେ ।

*ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

## ମେହେନ୍ଦିର ଔଷଧୀୟ ଗୁଣ



ମେହେନ୍ଦି ଏପରି ଏକ ପ୍ରାକୃତିକ ଗଛ ଯାହାର ପତ୍ର, ଫୁଲ, ଫଳ ପ୍ରଭୃତିରେ ଔଷଧୀୟ ଗୁଣ ଭରପୂର ରହିଛି । ପ୍ରାଚୀନ କାଳରୁ ହାତରେ ମେହେନ୍ଦି ଲଗାଇବାର ପ୍ରଥା ଭାରତରେ ରହିଛି । ଆୟୁର୍ବେଦରେ ମେହେନ୍ଦିର ଔଷଧୀୟ ଗୁଣର ବର୍ଣ୍ଣନା ମଧ୍ୟ କରାଯାଇଛି । ମେହେନ୍ଦି ପତ୍ରରେ ଏପରି ଏକ ଗୁଣ ରହିଛି - ଯେଉଁଥିରେ ହାତରେ ମେହେନ୍ଦି ଲଗାଇଲେ କୁପ୍ରଭାବଯୁକ୍ତ ଶକ୍ତି ଭୋଜନ ଉପରେ କୌଣସି ପ୍ରଭାବ ପକାଇ ପାରନ୍ତି ନାହିଁ । ଏହା ସହିତ ଉଚ୍ଚରକ୍ତଚାପର ରୋଗୀଙ୍କ ହାତ ଓ ପାଦରେ ମେହେନ୍ଦି ଲଗାଇଲେ ଖୁବ୍ ଲାଭ ମିଳିଥାଏ । ଏହା ଦ୍ୱାରା ନିଦ ଭଲ ହୋଇ ଥାଏ । ରକ୍ତଚାପ ନିୟନ୍ତ୍ରଣରେ ରହେ । ମେହେନ୍ଦୀ ପତ୍ରକୁ ପାଣିରେ ବାଟି ଶରୀରରେ ଲଗାଇଲେ ଖରାଦିନେ ପୋଡ଼ାଜଳାରୁ ରକ୍ଷା ମିଳିଥାଏ । ମେହେନ୍ଦି ଫୁଲ ହୃଦୟ ଲାଗି ଖୁବ୍ ଭଲ । ଜ୍ୱର ଓ ମାନସିକ ରୋଗ କ୍ଷେତ୍ରରେ ମେହେନ୍ଦି ଗଛର ମଞ୍ଜିକୁ ଉପଚାର ଲାଗି ବ୍ୟବହାର କରାଯାଏ । କୁଷ୍ଠ ଓ ମାରାତ୍ମକ ଚର୍ମ ରୋଗର ଚିକିତ୍ସା ଲାଗି ମେହେନ୍ଦି ଗଛର ଛାଲିକୁ ବ୍ୟବହାର କରା ଯାଏ । ଏହା ସହିତ ମେହେନ୍ଦି ଗଛର ପତ୍ରକୁ ବାଟି ଲଗାଇଲେ ମୁଣ୍ଡବ୍ୟଥା, କାଶ, ଥଣ୍ଡା, କୁଣ୍ଡିଆ, କୁଷ୍ଠ ଆଦି ରୋଗର ନିବାରଣ ପାଇଁ ଲାଭଦାୟକ ଅଟେ । ମେହେନ୍ଦି ଗୁଣ୍ଡରେ ଲେମ୍ବୁରସ ମିଶାଇ ହାତ ଓ ଗୋଡ଼ର ନଖକୁ ସଫା କଲେ ଏହା ସୁନ୍ଦର ଦେଖାଯାଏ । ଶୀତ ଦିନେ ପାଦର ଗୋଇଠି ଫାଟି ଥିଲେ ଓ ପୋଡ଼ାଜଳାରେ ଉପଚାର ଲାଗି ମେହେନ୍ଦିର ବ୍ୟବହାର କରାଯାଏ । ପୋଡ଼ିଯାଇଥିବା କିମ୍ବା ନିଆଁ ଧାସରେ ଲାଲ ପଡ଼ିଥିବା ସ୍ଥାନରେ ମେହେନ୍ଦିର ଲେପ ଲଗାଇଲେ ପୋଡ଼ାଜଳାରୁ ତୁରନ୍ତ ରକ୍ଷା ମିଳିଥାଏ ।

# ଭଦ୍ରକରେ ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ଲିଙ୍ଗଗତ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ପକ୍ଷରୁ ଭଦ୍ରକ ଜିଲ୍ଲାରେ "ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ଲିଙ୍ଗଗତ ମୁଖ୍ୟଧାରାକରଣ " କାର୍ଯ୍ୟକ୍ରମ ଆଜି ସକାଳ ୧୦.୦୦ ଘଟିକା ସମୟରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ସମୟରେ ଲିଙ୍ଗ ଅସମାନତା ଏକ ପକ୍ଷରେ ବିପଦର କାରଣ ହୋଇଥାଏ ଓ ଅନ୍ୟପକ୍ଷରେ ଏହାର ପରିଣାମ ଭାବେ ପ୍ରଭାବ ପକାଇଥାଏ । ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ବିପଦ ନିରାକରଣ (ଡିଆରଆର) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତିମୂଳକ ଓ ଲିଙ୍ଗ ରୂପାନ୍ତରମୂଳକ ପଦ୍ଧତିକୁ ଆପଣେଇବାକୁ ଏକ ପ୍ରଭାବଶାଳୀ ରଣନୀତି ଭାବେ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ମହିଳା, କିଶୋରୀ, ଅନ୍ୟ ଲିଙ୍ଗ ଅଲ୍ପସଂଖ୍ୟକ, ଭିନ୍ନକ୍ଷମ ବ୍ୟକ୍ତି ଓ ବୃଦ୍ଧବୃଦ୍ଧାଙ୍କ ସମେତ ସମସ୍ତ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ଆବଶ୍ୟକତା ଆଧାରିତ ସହାୟତା ଓ ସୁରକ୍ଷା ସୁନିଶ୍ଚିତ କରିବା । ପ୍ରକଳ୍ପ ଅଧୀନରେ ମହିଳାଙ୍କର ସ୍ୱରକୁ ଶକ୍ତିଶାଳୀ କରିବା ସହ ବିପର୍ଯ୍ୟୟ ପରିଚାଳନା, ଉଦ୍ଧାର କାର୍ଯ୍ୟ, ସାମୁଦାୟିକ ସ୍ୱାସ୍ଥ୍ୟ ସେବା ଓ ମନୋସାମାଜିକ ସହାୟତାରେ ସେମାନଙ୍କ ଭୂମିକାକୁ ଅଧିକ ଦୃଶ୍ୟମାନ କରିବାକୁ ଗୁରୁତ୍ୱ ଦିଆଯାଇଛି । ଏହାସହ ବିପର୍ଯ୍ୟୟ ଓ ପରବର୍ତୀ ସମୟରେ ଲିଙ୍ଗ ଆଧାରିତ ହିଂସା ଓ କ୍ଷତିକାରକ ସାମାଜିକ ପ୍ରଥାକୁ ଦୂର କରିବା ପାଇଁ ସଚେତନତା କରାଯିବ ବୋଲି ଜେଣ୍ଡର ସ୍ପେଶାଲିଷ୍ଟ ଅରଣ୍ୟକ ମିଶ୍ର ସୂଚନା ଦେଇଛନ୍ତି । ମହିଳାଙ୍କ ନେତୃତ୍ୱକୁ ପ୍ରୋତ୍ସାହନ ଦେଇ ସମାଜର ବିପର୍ଯ୍ୟୟ ସହନଶୀଳତା ବୃଦ୍ଧି କରିବା ମଧ୍ୟ ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି । ଏହି କର୍ମଶାଳାରେ ଜିଲ୍ଲାପାଳ ଦିଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାରେ ଲିଙ୍ଗଗତ ସମତା ଓ ସମସ୍ତ ବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ । ସେ ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ସୁରକ୍ଷା ଓ ସମାବେଶୀ ଦୃଷ୍ଟିକୋଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ କହିଥିଲେ ଯେ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଓ ପରିଚାଳନାରେ ସମାଜର ପ୍ରତ୍ୟେକ ଶ୍ରେଣୀକୁ ସାମିଲ କରିବା ଆବଶ୍ୟକ । ଲିଙ୍ଗଗତ ସଚେତନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ବିପର୍ଯ୍ୟୟ ଜନିତ କ୍ଷତିକୁ ହ୍ରାସ କରାଯାଇପାରିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର (ଜରୁରୀ) ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଓଏସଡିଏମଏର ଡିପିଓ ଅମ୍ଲାନ ଅନୁପମ ସେନାପତି ଓ ଜେଣ୍ଡର ସ୍ପେଶାଲିଷ୍ଟ ଅରଣ୍ୟକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ଝୁକି ହ୍ରାସରେ ଲିଙ୍ଗଗତ ମୁଖ୍ୟଧାରାକରଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏକଦିବସୀୟ ଏହି କର୍ମଶାଳାରେ ବିପର୍ଯ୍ୟୟ ସମୟରେ ସମାବେଶୀ ପଦକ୍ଷେପ, ଲିଙ୍ଗ ସମ୍ବେଦନଶୀଳ ଯୋଜନା ଓ ସମୁଦାୟ ଭିତିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ପରିବାରକୁ ମଜବୁତ କରିବା, ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରୟାସ



ଝାରସୁଗୁଡ଼ା : ଅନ୍ତର୍ଜାତୀୟପରିବାର ଦିବସ ୨୦୨୬ ପାଇଁମିଳିତ ଜାତିସଂଘର ବିଷୟବସ୍ତୁହେଉଛି'ପରିବାର, ଅସମାନତା ଏବଂ ଶିଶୁକଲ୍ୟାଣ', ଏକବାର୍ତାଯାହାପରିବାର ଗୁଡ଼ିକରକଲ୍ୟାଣକୁସମର୍ଥନଏବଂ ପୋଷଣ କରୁଥିବାଅଧିକ ଅନ୍ତର୍ଭୁକ୍ତିବ୍ୟବସ୍ଥା ନିର୍ମାଣକରିବାର ଆବଶ୍ୟକତାକୁ ଦୃଢ଼କରେ । କର୍ମଚାରୀ ଏ ବଂସେମାନଙ୍କ ଉପରେନିର୍ଭରଶୀଳଙ୍କ ପାଇଁ କମ୍ପାନୀର ମାଗଣାସ୍ୱାସ୍ଥ୍ୟସେବା ନୀତିଏବଂ ଜୀବନସାଥୀଙ୍କ ସୁସ୍ଥତାନୀତିଭଳି ପଦକ୍ଷେପଦ୍ୱାରାସ୍ୱାସ୍ଥ୍ୟସେବା ଏବଂସୁସ୍ଥତା ଏହିଆଭିମୁଖ୍ୟରମୂଳରେରହିଛି । ପୁଷ୍ଟିସାଧନ, ମାନସିକସୁସ୍ଥତାଏବଂମହିଳା ଙ୍କସ୍ୱାସ୍ଥ୍ୟର ନିୟମିତଯାଂଚ ଏବଂସଚେତନତା ଅଧିବେଶନ ସହିତଉଭୟ ବ୍ୟକ୍ତିଗତଏବଂ ଡିଜିଟାଲ୍ପ୍ଲାଟଫର୍ମମାଧ୍ୟମରେ ଅଗ୍ରଣୀସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଠାରୁ ଗୁଣାତ୍ମକଚିକିତ୍ସାସେବା ପାଇବା ଦ୍ୱାରାପରିବାର ଗୁଡ଼ିକଉପକୃତହୁଅନ୍ତି । ଅନଲାଇନଚିକିତ୍ସାପରାମର୍ଶ, ମାନସିକ ସ୍ୱାସ୍ଥ୍ୟସହାୟତା, ଫିଜିଓଥେରାପି, ଯୋଗ ଏବଂ ଜୀବନଶୈଳୀପରିଚାଳନା, କର୍ମଚାରୀ ଏବଂସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତକରିବାଭଳି ସେବାପ୍ରଦାନ କରୁଥିବା ଏକବ୍ୟାପକ ସୁସ୍ଥତାମଂଚ, ମନ୍ତ୍ର କେୟାର ସହିତବେଦାନ୍ତର ସହଭାଗୀତା ମାଧ୍ୟମରେ ଏହାଆହୁରିସୁଦୃଢ଼ ହୋଇଛି । ଝାରସୁଗୁଡାସ୍ଥିତ ବେଦାନ୍ତଆଲୁମିନିୟମରସିଇଓସି. ଚନ୍ଦ୍ରୁଏହିଦର୍ଶନଉପରେଗୁରୁତ୍ୱାରୋପକରିକହିଛନ୍ତି, 'ବେଦାନ୍ତଆଲୁମିନିୟମରେ, ଆମେବିଶ୍ୱାସକରୁଯେଶକ୍ତିଶାଳୀ ସଂଗଠନଗୁଡିକଶକ୍ତିଶାଳୀପରିବାରଏବଂଗୋଷ୍ଠୀଗତଭାବନାଉପରେନିର୍ମିତ । ଆହୁରିମଧ୍ୟକମ୍ପାନୀ ଝାରସୁଗୁଡ଼ାର ୨୮ଟି ଗ୍ରାମରେ ଚାଲୁଥିବା ଭ୍ରାମ୍ୟମାଣସ୍ୱାସ୍ଥ୍ୟସେବାମାଧ୍ୟମରେଶେଷ-ମାଇଲସ୍ୱାସ୍ଥ୍ୟସେବାସୁବିଧାସୁନିଶ୍ଚିତକରୁଛି, ଯାହାଲୋକଙ୍କ ଘରଦୁଆର ମୁହଁରେସ୍ୱାସ୍ଥ୍ୟସେବା ସହିତ୧୮,୦୦୦ରୁଅଧିକହିତାଧିକାରୀଙ୍କନିକଟରେପହଂଚୁଛି, ଯେତେବେଳେ ବ୍ୟାପକସଚେତନତା ଅଭିଯାନ୨.୮ ଲକ୍ଷରୁଅଧିକଲୋକଙ୍କୁ ପ୍ରଭାବିତ କରିଛି । ଶିଶୁପୋଷଣ, ମାତୃସ୍ୱାସ୍ଥ୍ୟ ଏବଂମାସିକସ୍ୱଚ୍ଛତା ଉପରେନିରନ୍ତର ଅଭିଯାନସହିତ ପଲ୍ସପୋଲିଓ ଅଭିଯାନ ଭଳିପଦକ୍ଷେପଦ୍ୱାରା ଏହିପ୍ରୟାସକୁସମର୍ଥନମିଳିଛି, ଯାହାଝାରସୁଗୁଡ଼ାରେ ୨୦୨୬ ଆର୍ଥିକ ବର୍ଷସୁଦ୍ଧା୧୪୮୬ ଜଣଶିଶୁଙ୍କୁଟୀକାକରଣକରିବାରେସାହାଯ୍ୟକରିଛି, ଯାହାସାମୂହିକଭାବରେ ସୁସ୍ଥଫଳାଫଳ ସହିତପରିବାରକୁସଶକ୍ତକରିଛି । ସହଭାଗୀ ଅଭିବୃଦ୍ଧିପାଇଁ ଏକଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତକରେ ।କର୍ମଚାରୀ, ପରିବାରଏବଂ ସମ୍ପ୍ରଦାୟ ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟସହିତ ଏକାଠିବୃଦ୍ଧିପାଉଥିବା ପରିବେଶକୁ ପ୍ରୋତ୍ସାହିତ କରିବାପାଇଁକମ୍ପାନୀକୁ' ଗ୍ରେଟ୍‌ପ୍ଲେସ୍‌ଟୁୱାର୍କ' ସାର୍ଟିଫିକେଟ୍ ଏବଂ'ପିପୁଲଫାଷ୍ଟଏଚଆରଏକ୍ସଲେନ୍ସଆୱାର୍ଡ' ଭଳି ପ୍ରମୁଖ ସ୍ୱୀକୃତିମିଳିବାଏହାପ୍ରତିଫଳିତକରୁଛି ।

# ଝାରସୁଗୁଡ଼ା ଜିଲ୍ଲାରେ ବିଜେପିର ଦୁଇ ଦଳ ମଧ୍ୟରେ କଟୁମନ୍ତବ୍ୟ

ଝାରସୁଗୁଡ଼ା : ଝାରସୁଗୁଡା ଜିଲ୍ଲାରେ ଦୁଇଟି ବିଧାନସଭା ମଣ୍ଡଳୀ ରହିଛି । ଝାରସୁଗୁଡା ନିର୍ବାଚନ ମଣ୍ଡଳିରୁ ଟଙ୍କଧର ତ୍ରିପାଠୀ ବିଧାୟକ ରହିଥିବା ବେଳେ ବ୍ରଜରାଜନଗର ବିଧାନସଭା ମଣ୍ଡଳୀରୁ ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ରହିଛନ୍ତି । ଉଭୟ ଙ୍କ ମଧ୍ୟରେ ପୂର୍ବରୁ ଶୀତଳ ଯୁଦ୍ଧ ଲାଗି ରହି ଥଲା । ଗତ ମେ ମାସ ୧୨ ତାରିଖରେ ଯାନ୍ତ୍ରିକ ବିଦ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲ୍ଲାରେ ସଫଳ ମାଟ୍ରିକ ଛାତ୍ର,ଛାତ୍ରି ମାନଙ୍କୁ ସମ୍ମାନୀତ ସଭାରେ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କ ଆଗରେ ବିଧାୟକ ଟଙ୍କଧର ତ୍ରିପାଠୀ ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୁଜାରୀ ଙ୍କ ଅନୁପସ୍ଥିତ ବିଷୟରେ କଟୁ ମନ୍ତବ୍ୟ କରି ଭରଛନା କରିଥିଲେ । ଯାହାକି ବିଭିନ୍ନ ଟିଭି ମାଧ୍ୟମ,ୟୁ ଟୁବ ଓ ସମ୍ବାଦପତ୍ର ରେ ସମ୍ବାଦ ପରିବେଷଣ ହୋଇଛି । ବିଜେପି ଦଳର ଦୁଇ ଗୋଷ୍ଠିର ନେତାମାନେ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରି ଉଭୟ ଉଭୟ ଙ୍କ ନେତା ଙ୍କ ବିରୁଦ୍ଧରେ ମତାମତ ଦେଇଛନ୍ତି । ଜିଲ୍ଲା ବିଜେପି ସଭାପତି ସାମ୍ବାଦିକ ସମ୍ମିଳନୀରେ ଟଙ୍କଧର ତ୍ରିପାଠୀ ବିଧାୟକ ଙ୍କ ମନ୍ତବ୍ୟକୁ ମଧ୍ୟ ନିନ୍ଦା କରିବା ସହିତ ଦଳ ମଧ୍ୟରେ ଶୃଙ୍ଖଳିତ ରହିବା ପାଇଁ ପରାମର୍ଶ ଦେଇଛନ୍ତି ।ବିଶେଷ ସୂତ୍ରରୁ ଜଣା ଯାଏ ଗତକାଲି ବିଧାୟକଙ୍କ ଗୋଷ୍ଠିର ରୁଦ୍ଧଦ୍ୱାର ବୈଠକ ବିଧାୟକଙ୍କ ଅଫିସ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଯାହାକି ଆଗାମୀ ଦିନରେ ଅପ୍ରିତୀକର ପରିସ୍ଥିତି ହୋଇ ପାରେ । ଜିଲ୍ଲା ପୋଲିସ ପ୍ରଶାସନ ଏଥିପ୍ରତି ସତର୍କ ରହିବା ସହିତ ଦୃଷ୍ଟି ରଖିବା ଜରୁରୀ ଅଟେ ।

# ବଢୁଛି ତାତି : ଜନଜୀବନ ଅସ୍ତବ୍ୟସ୍ତ

ଜୟପୁର : (ହି.ସ.)ଜଳିଲାଣି କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ । ସବୁଦିନ ତାପମାତ୍ରା ୩୪ଡିଗ୍ରୀ ପାର କରୁଛି । ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ତାପମାତ୍ରା ବଢୁଥିବା ଜଣାଯାଇଛି । । ଏପଟେ ତାତିକୁ, ସେ ପଟେ ଝାଞ୍ଜି ଅଂଚଳବାସୀ ରେ ଛଟ ପଟ ହୋଉଛନ୍ତି । ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି । ପୁଣି ତାତି ବଢିବା ଆଶଙ୍କା କରାଯାଉଛି । ଚଳିତ ବର୍ଷ କୋରାପୁଟ ଜିଲାର ୧୪ଟି ବ୍ଲକ ବିଭିନ୍ନ ଗ୍ରାମାଂଚଳରେ ବୃଦ୍ଧି ପାଇଛି ବେଆଇନି ଇଟା ଭାଟି ।ଯାହା ଫଳରେ ଉତାପ ସହ ଗରମ ଅନୁଭୂତ ହେଉଛି । ଦିନ ୧୦ପରେ ତାତି ଅନୁଭୂତ ହେଉଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି । ଟାଣ ଖରା, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଦହଗଞ୍ଜ ହୋଇ ପଡୁଛି । ରାସ୍ତାଘାଟ ଖାଁ.. ଖାଁ । ପୂର୍ବରୁ ଜନଗହଳି ରହୁଥିବା ଜୟପୁର ମୁଖ୍ୟ ରାସ୍ତା, ଏମଜି ରୋଡ. ରାଜା ନହର ଛକ ସହ ଅନ୍ୟ ଛକ ଗୁଡିକରେ ମଧ୍ୟଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ । ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ରୁମାଲ୍ଲୁ, ଗାମୁଛା, ଟାୱେଲ ଓ ମହିଳା ମାନେ ଓଢଣୀ ଘୋଡାଇ, ଛତା ଧରି ଯିବା ଆସିବା କରୁଥିବାର ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁମଧ କୌଣସି ବ୍ୟବସ୍ଥା କରାଯାଇନାହିଁ । ଆଶ୍ରୟ ନେବା ପାଇଁ ବ୍ୟସ୍ତ ବହୁଳ ସ୍ଥାନରେ ଏ ଯାଏଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲା ଯାଇନି ।

# ସ୍ୱାତୀ ପକ୍ଷରୁ ଖଞ୍ଜାଗୁଡା ଠାରେ କୃଷିଭିତିକ ଦିନିକିଆ ତାଲିମ କାର୍ଯ୍ୟକ୍ରମ

କନ୍ଧମାଳ :(ହି.ସ.)- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ ଚକାପାଦ ବ୍ଲକ୍ ବ୍ରହ୍ମଣପାଦ ଗ୍ରାମପଂଚାୟତର ଖଞ୍ଜାଗୁଡା ଠାରେ କୃଷିଭିତିକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏ ବର୍ଷଟିକୁ ଆର୍ନ୍ତଜାତୀକ ମହିଳା କୃଷକ ବର୍ଷ ଭାବେ ପାଳନ କରାଯାଉଥିବାରୁ ଏହି କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ମହିଳା ମାନଙ୍କର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମରେ ଚକାପାଦ ବ୍ଲକ୍ ସହ କୃଷି ଅଧିକାରୀ ଶିବାନୀ ପ୍ରଧାନ, ବ୍ଲକ୍ ବୈଷୟିକ ପରିଚାଳକ ରାଧାରମଣ ଶର୍ମା, ପଂଚାୟତ କୃଷି ପରିଦର୍ଶକ ଶତୃଘନ ମହାକୁଡ, ବ୍ରହ୍ମଣପାଦ ସରପଂଚ ରଶ୍ମିତା ମଲ୍ଲିକ ଓ ସ୍ଥାନୀୟ ପଂଚାୟତ ପ୍ରତିନିଧି ରିତା କହଁର ଯୋଗଦେଇ ବିଭିନ୍ନ ଚାଷ କାର୍ଯ୍ୟରେ ମହିଳା ମାନଙ୍କ ଅବଦାନକୁ ବଖାଣିବା ସହିତ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ବିଭିନ୍ନ ଡାଲି ଜାତୀୟ ଫସଲ ଅମଳ କରି ହେବ ତାହା ଉପସ୍ଥାପନା କରିଥିଲେ ଏବଂ ଜମିର ଉର୍ବରତା ବଢାଇବାକୁ ହେଲେ ଧନିଚା ଚାଷ ଜରୁରି ବୋଲି କହିଥିଲେ । ସାଧାରଣରେ ଯଦି ଦେଖାଯାଏ କନ୍ଧମାଳ ଜିଲ୍ଲାରେ କୃଷି କ୍ଷେତ୍ରରେ ମହିଳା ମାନଙ୍କର ଦାୟିତ୍ୱ ଯଥେଷ୍ଟ ଅଧିକ । ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ଉପସ୍ଥିତ ରହି ବର୍ତମାନ ସମୟକୁ ଖାପଖୁଆଇ କିପରି ଜଣେ ଚାଷୀ ଆଗକୁ ବଢିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି ଏବଂ ଯୁବପିଢି ମାନେ ଏଥିପ୍ରତି ସଜାଗ ନହେଲେ ଆଗାମି ଦିନରେ କୃଷୀ କ୍ଷେତ୍ରରେ ଘୋର ସଙ୍କଟ ଦେଖାଦେବ ବୋଲି କହିଥିଲେ । ଏହା ପରେ ବ୍ରହ୍ମଣପାଦ ସରପଂଚ ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ଡାଲି ଜାତୀୟ ଫସଲ ଏବଂ ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏ ବର୍ଷଟି ମହିଳା କୃଷକ ମାନଙ୍କ ପାଇଁ ଉତ୍ସର୍ଗିକୃତ ଥିବାରୁ ମହିଳା ମାନେ ମଧ ଏଥିପ୍ରତି ଯତ୍ନବାନ ହେବାକୁ ପଡିବ ବୋଲି ତାଲିମ ରେ ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ପରିଚାଳନା କରିଥିବା ବେଳେ କୃଷକ ସାଥୀ ଭିମସେନ ମଲ୍ଲିକ ସହଯୋଗ କରିଥିଲେ ।

# କଟ୍ରିଙ୍ଗିଆ ମା' ଗୃହରେ ଷଷ୍ଠତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ :ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ଗର୍ଭବତୀଙ୍କ ନିକଟରେ ସୁଷମ ଆହାରର ଗୁରୁତ୍ୱର ବାର୍ତା ପହଂଚାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ର ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି । ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଶିର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ । ଏହି ଆଲୋଚନାଚକ୍ରରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇଥିଲେ, ଯାହାକି ମାତୃ ଓ ଶିଶୁ ମୃତ୍ୟୁ ହାରକୁ କମାଇବାରେ ସହାୟକ ହେଉଛି । ଆହୁରି ମଧ ଆଜି ପର୍ଯ୍ୟନ୍ତ ଏହି କଟ୍ରିଙ୍ଗିଆ ମା ଗୃହ ରେ ଆଡିମିଶନ୍ ନେଇ ୨୦୦୦ ରୁ ଅଧିକ ଗର୍ଭବତୀ ସେବା ପାଇଛନ୍ତି ବୋଲି କହିଥିଲେ । ଏହା ବ୍ୟତିତ ସେ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅପହଂଚ ଅଂଚଳର ଗର୍ଭବତୀମାନେ ଅନୁଷ୍ଠାନରେ ପ୍ରସବ କରାଇବା ନିମନ୍ତେ ସଠିକ୍ ସମୟ ପୂର୍ବରୁ ମା ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରି ମନିସା ଖମାରି, ଏ.ଏନ୍.ଏମ୍. ବିଜୟଲକ୍ଷ୍ମୀ ବେହେରା ଓ ସସ୍ମିତା ସାହୁ, ଅଙ୍ଗନଓାଡି କର୍ମି ସରସ୍ୱତି ସାହୁ ଏବଂ ଆଶା କର୍ମି ଝୁନା କହଁର ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢାଇବାକୁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି କହିଥିଲେ । ମା ଗୃହ ତରଫରୁ ସାମନ୍ତି ଦିଗାଲ ସଭା ପରିଚାଳନା କରିଥିବା ବେଳେ ଗିତାଞ୍ଜଳୀ କହଁର, ଗିତାଞ୍ଜଳୀ ମୁଖୀ, ସସ୍ମିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସେବା ପାଇଥିବା ମା ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ ।

# ଅସହ୍ୟ ତାତିରେ ସିଝୁଛି ଜୟପୁର, ସମସ୍ୟା ବଢ଼ାଉଛି ବିଦ୍ୟୁତର ଲୁଚକାଳି ଖେଳ; ବିଭିନ୍ନ ସ୍ଥାନରେ ମନଇଚ୍ଛା ବିଦ୍ୟୁତକାଟ୍

ଜୟପୁର : (ହି.ସ.)- କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି ଓ ଏହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ଓ ପ୍ରବଳ ଖରାତାତି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଲୁଚକାଳି ଏହି ଦୁଃଖକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଗତ ଦୁଇ-ତିନି ଦିନ ହେଲା ତାପମାତ୍ରା ବୃଦ୍ଧି ପାଇଛି । ଏହି ତାପମାତ୍ରା ଭିତରେ ବିଭାଗୀୟ ନିର୍ଦ୍ଦେଶ ସତ୍ୱେ ବିଭିନ୍ନ ଆଳ ଦେଖାଇ ମଇଚ୍ଛା ବିଦ୍ୟୁତ୍ କାଟ ହେଉଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି ଓ ଅନ୍ୟପକ୍ଷରେ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି । ସହର ଗ୍ରୀଷ୍ମ ସମୟରେ ସବୁବେଳେ ଚର୍ଚ୍ଚାରେ ରହିଥାଏ । ଜୟପୁର ସହର ସମେତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇଥାଏ । ଏହି କ୍ରମରେ ଚଳିତ ବର୍ଷ କିଛି ଦିନ ହେଲା ଜୟପୁର ସହରରେ ଯିବା ଆସିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ସଂଧ୍ୟା ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତା ଖାଲି ପଡିଛି । ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଜିଲ୍ଲାର ପ୍ରାୟ ସବୁଆଡେ ତାପମାତ୍ରା ବୃଦ୍ଧି ପାଇଛି । ଗତ ପ୍ରାୟ ଗୋଟିଏ ସପ୍ତାହ ହେଲା ପ୍ରତ୍ୟେକ ଦିନ ତାପମାତ୍ରା ବୃଦ୍ଧି ପାଇଛି । ଖରା ସହ ଝାଞ୍ଜିପବନ ଯୋଗୁ ଦିନ ୧୦ଟାରୁ କିଛି ଦିନ ହେଲା ମନଇଚ୍ଛା ବିଦ୍ୟୁତ୍ କାଟି ଦିଆଯାଇଛି । ଏନେଇ କାରଣ ପଚାରିଲେ ବିଭାଗୀୟ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି ଓ ଜୟପୁର ସହରରେ ଯେତେବେଳେ ଲୋକମାନେ ତତଲା କଡେଇରେ ଭାଜି ହେଉଛନ୍ତି ସେହି ସମୟରେ ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ଅସନ୍ତୋଷ ବଢାଉଛି । ଅପରାହ୍ନ ୨ଟାରେ ବି ବିଦ୍ୟୁତ୍ କାଟି ଦିଆଯାଉଛି । ଏହା ଫଳରେ ଲୋକେ ଗରମରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧ୍ୟରାତିରେ ମଧ ମନଇଚ୍ଛା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦିଆଯାଉଛି । ତେବେ ଶକ୍ତି ବିଭାଗ ମନ୍ତ୍ରୀ ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ ନ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଟାଟା ପାୱାର କିନ୍ତୁ ନିଜ ମନଇଚ୍ଛା କାରବାର ଚଳାଇଛି । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ବେଖାତିର କରୁଛି । ଏନେଇ ଟାଟା ପାୱାର ଅଧିକାରୀଙ୍କୁ ପଚାରିଲେ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ କୁଲର, ଏସି ଚଳାଉଛନ୍ତି । ସେହିଭଳି ରନ୍ଧନ ଗ୍ୟାସ୍ ଅଭାବ ଯୋଗୁ ମଧ ଲୋକେ ଇଣ୍ଡକ୍ସନ ଓ ହିଟର ବ୍ୟବହାର ବଢାଇଛନ୍ତି । ମରାମତି ପାଇଁ ବିଦ୍ୟୁତ୍ କାଟିବାକୁ ପଡୁଥିବା ସେ କହିଛନ୍ତି ।

# ସମ୍ବଲପୁରରେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ, ସରକାରୀ ଉଦ୍ୟୋଗ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ସହାୟତା ବଂଟନ

ସମ୍ବଲପୁର : (ହି.ସ.) - ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ବଲପୁର ଗସ୍ତ କରି ସମ୍ବଲପୁର ମହାନଗର ନିଗମର ବୈଠକରେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ବୈଠକରେ ସମ୍ବଲପୁର ମହାନଗର ନିଗମ ଏବଂ ଅନ୍ୟାନ୍ୟ ପୌରାଂଚଳର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ) , ମଧୁବାବୁ ପେନସନ ଯୋଜନା ଅଧୀନରେ ସହରାଂଚଳ ଭିତିଭୂମି, ନିଯୁକ୍ତି ସୁଯୋଗ, ଏବଂ ଜଳାଶୟର ବିକାଶ, ସହରର ପରିମଳ ବ୍ୟବସ୍ଥା ଏବଂ ସହ ଜଡ଼ିତ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନାର ସଫଳ ରୂପାୟନ, ରାସ୍ତା ମରାମତି, ପାନୀୟ ଜଳ ଯୋଗା, ସ୍ୱେରେଜ୍ ବୋର୍ଡ, ସହରର ସମସ୍ତ ଗଳିକନ୍ଦିରେ ସ୍ମାର୍ଟ ଆଲୋକ ସଂଯୋଗୀକରଣ, ଆହାର' କେନ୍ଦ୍ରର ସୁପରିଚାଳନା ଏବଂ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା ।ବିଶେଷ କରି ଏସ୍‌ଏମ୍ସି ଅଂଚଳରେ ବର୍ଷା ଜଳ ନିଷ୍କାସନ ଏବଂ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା । ରେଙ୍ଗାଲି ଏବଂ ସମ୍ବଲପୁରର ବିଧାୟକ ଏହି ବୈଠକରେ ଉପସ୍ଥିତ ରହି ନିଜ ନିଜ ଅଂଚଳର ସମସ୍ୟା ଓ ବିକାଶ ସମ୍ପର୍କରେ ମତ ରଖିଥିଲେ । ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଉନ୍ନୟନ କର୍ତୃପକ୍ଷଙ୍କ ୫୨ତମ କର୍ତୃପକ୍ଷ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ମୁଖ୍ୟ ଏସଡିଏ ଅଧୀନରେ ଥିବା ଅଂଚଳଗୁଡ଼ିକର ଯୋଜନାବଦ୍ଧ ଏବଂ ବ୍ୟବସ୍ଥିତ ବିକାଶ କରିବା, ଜୋନାଲ୍ ଡେଭଲପମେଂଟ ପ୍ଲାନ୍ ସମେତ ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ସହରର ଭିତିଭୂମି ସମ୍ପର୍କିତ କାର୍ଯ୍ୟଗୁଡ଼ିକର ତଦାରଖ କରିବା, ହାଉସିଂ କଲୋନୀ, ସପିଂ ସେଂଟର ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ନେବା, ଅସଂଗଠିତ ସହରୀ ସଂପ୍ରସାରଣକୁ ଏକ ବ୍ୟବସ୍ଥିତ ରୂପ ଦେବା ପାଇଁ ରୂପାନ୍ତରଣ ଯୋଜନା ପ୍ରଣୟନ କରିବା ଆଦି ଉପରେ ଆଲୋଚନା କରଯାଇଥିଲା । ସମ୍ବଲପୁର, ବୁର୍ଲା ଓ ହୀରାକୁଦ ଅଂଚଳକୁ ଆଧୁନିକୀକରଣ ଏବଂ ସୁବ୍ୟବସ୍ଥିତ ବିକାଶ ପାଇଁ ଏହି ବୈଠକରେ ଅନେକ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତି ଗ୍ରହଣ କରାଯାଇଛି । ସମ୍ବଲପୁର ଯୋଜନା ଅଂଚଳ ପାଇଁ 'ନୂତନ ବ୍ୟାପକ ବିକାଶ ଯୋଜନା ୨୦୪୭' ପ୍ରସ୍ତୁତ କରିବାକୁ ଅନୁମୋଦନ ଦିଆଯାଇଛି । ଏହା ସହରର ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବ । ମୋଦିପଡ଼ାଠାରେ ୧.୧୪ ଏକର ଜମିରେ ଏକ ବହୁତଳ ବିଶିଷ୍ଟ (ବି+ଜି+୬) ବାଣିଜ୍ୟିକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହା ସହ ସାଲିବାଗିଚାସ୍ଥିତ ପୁରୁଣା ଏମବିଏ କାର ?ୟାଳୟର ସମ୍ପୂର୍ଣ୍ଣ ମରାମତି ଓ ନବୀକରଣ କରାଯିବ । କର୍ତୃପକ୍ଷଙ୍କ ଆର୍ଥିକ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଚାର୍ଟାର୍ଡ ଆକାଉଂଟାଂଟଫର୍ମ ନିୟୋଜିତ କରିବା ଏବଂ ବାଣିଜ୍ୟିକ ସମ୍ପତିରୁ ଟିକସ ଆଦାୟ ପାଇଁ ଏଝଞ୍ଜ ପଞ୍ଜୀକରଣ କରିବାକୁ ନିଷ୍ପତି ନିଆଯାଇଛି । ବୁର୍ଲା ଅଂଚଳରେ ଥିବା କୋର ହାଉସିଂ ସ୍କିମରେ ଖାଲି ପଡ଼ିଥିବା ପ୍ଲଟଗୁଡ଼ିକୁ ଇ-ଅକ୍ସନ ମାଧ୍ୟମରେ ବିକ୍ରୟ କରିବା ଏବଂ ଚେରୁଆପଡ଼ାଠାରେ ଜମି ବିକାଶ ପ୍ରକଳ୍ପ ପାଇଁ ଆଲୋଚନା ହୋଇଛି । ବିଭାଗରେ ଥିବା ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରି କାର୍ଯ୍ୟଧାରାକୁ ଅଧିକ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ସମ୍ବଲପୁର ମହାନଗର ନିଗମ ଅଂଚଳର ବିଭିନ୍ନ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ) କାର୍ଯ୍ୟାଦେଶ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନାରେ ସହାୟତା ବଂଟନ କରିଥିଲେ ।ଆୟୁଷ୍ମାନ ଭାରତ ବୟୋ ବନ୍ଦନା କାର୍ଡ ୦୫ ଜଣ, ପିଏମ୍‌ଏୱାଇ (ୟୁ) ୨.୦: ୨୦ ଜଣ, ପିଏମ୍ ଏସଭିଏନ୍‌ଆଇଡିଏଚ୍‌ଆଇ (ଋଣ ଓ କ୍ରେଡିଟ୍ କାର୍ଡ): ୧୨ ଜଣ, ମଧୁବାବୁ ପେନସନ ଯୋଜନା ଅଧୀନରେ ଭିନ୍ନକ୍ଷମ ଭତା ୬ ଜଣ, ବିଧବା ଭତା ୨ ଜଣ ଓ ବାର୍ଦ୍ଧକ୍ୟ ଭତା ୧୦ ଜଣ ଙ୍କୁ ସହାୟତା , ରାସନ କାର୍ଡ (୧୫), ଶ୍ରମିକ କାର୍ଡ (୦୬) ଏବଂ ୧୧ ଜଣଙ୍କୁ ମୋଟର ଚାଳିତ ଟ୍ରାଇସାଇକେଲ୍ ପ୍ରଦାନ କରାଯାଇଛି । ଏହି ସମସ୍ତ ସହାୟତା 'ସହଯୋଗ' ପୋର୍ଟାଲ ଏବଂ ପ୍ରତ୍ୟକ୍ଷ ମାଧ୍ୟମରେ ଆବେଦନ କରିଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ନିର୍ଦ୍ଦେଶକ ଟାଉନ୍ ପ୍ଲାନିଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶତ୍ରୁଘ୍ନ କର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି ଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଠିଡିକାଯୋର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ : (ହି.ସ.) ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ସ୍ଥିତ ଠିଡିକାଯୋର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥ ମହୋତ୍ସବ କମିଟି ସଭାପତି ତହସିଲଦାର ତଥା ଦେବୋତର ଅଧିକାରୀ ବଳଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଗ୍ନିଶମ କର୍ମଚାରୀ ଚିତରଞ୍ଜନ ମାହାର, କନିଷ୍ଠ ଯନ୍ତ୍ରୀ ବିଦ୍ୟୁତବିଭାଗ ସ୍ୱାସ୍ତିକ ପଲେଇ,ଜିପିଡିଓ ଜିତେନ୍ଦ୍ର କୁମାର ମିଶ୍ର, ପୁରୁଣାକଟକ ଫରେଷ୍ଟର ସୁଶାନ୍ତ କୁମାର ସାହୁ, ବାଣୀଭୂଷଣପୁର ସରପଂଚ ସୌଦାମିନି ମଲ୍ଲିକ , ୱାର୍ଡମେମ୍ବର ମାନଙ୍କ ସହିତ ଡ୍ରାଇଭର ମହାସଂଘ ,ଗ୍ରାମକମିଟି ର ସଭ୍ୟ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ରଥଯାତ୍ରା କମିଟି ସମ୍ପାଦକ ବାମଦେବ ଦାଶ ଗତବର୍ଷର ଆୟବ୍ୟୟ ହିସାବପ୍ରଦାନ ସହ ଚଳିତବର୍ଷ ପାଇଁ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ରଥ ମରାମତି, ନୂତନ ନିର୍ମାଣ ଶୈଳୀରେ ରଥ ମରାମତି ପାଣ୍ଠି ସଂଗ୍ରହ, ମୀନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ, ଶାନ୍ତି ଶୃଙ୍ଖଳା ,ଗୁଣ୍ଡିଚାମନ୍ଦିର, ମାଉସୀମା ମନ୍ଦିର ପ୍ରସ୍ତୁତି ,ସ୍ନାନ ପୂର୍ଣ୍ଣିମା ପାଳନ ଆଦି ବିଷୟ ଆଲୋଚନା ହୋଇଥିଲା । ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ କରିବା ପାଇଁ ଆଲୋଚନା ହୋଇଥିଲା । ବୈଠକରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ,କେଦାରେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଜନକ ପାତ୍ର, ସୁବାସ ପ୍ରଧାନ, ସିକନ ନାୟକ,ହରିଶଙ୍କର ସାହୁ, ବେଦବର ପ୍ରଧାନ, ଅର୍ଜୁନ କହଁର, ପବିତ୍ର ପ୍ରଧାନ, ସମ୍ବାରୁ ଯାନୀ, ପୂର୍ଣଚନ୍ଦ୍ର ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ

# ରବି ଫସଲ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ



ଧାମନଗର(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ବିରୁହାଁ ନିକଟସ୍ଥ ଆଖଣ୍ଡଳମଣି ଏଫ୍‌ପିସିଏଲ୍ (ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍) ପକ୍ଷରୁ ସୋମବାର ରବି ଫସଲ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଅଂଚଳର ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ନିଜ ଫସଲ ବିକ୍ରୟର ସୁବିଧା ଯୋଗାଇବା ସହ ବଜାର ସଂଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଂଗ୍ରହ କେନ୍ଦ୍ର ଆରମ୍ଭ କରାଯାଇଛି । ଏହି କେନ୍ଦ୍ରରେ ମୁଗ, ବିରି, ହରଡ, ମସୁର ଭଳି ବିଭିନ୍ନ ଡାଲି ଜାତୀୟ ଫସଲ ସହ ସୋରିଷ, ସୂର୍ଯ୍ୟମୁଖୀ, ବାଦାମ ଓ ଚୀନାବାଦାମ ଭଳି ତେଲ ଜାତୀୟ ଫସଲ ସଂଗ୍ରହ କରାଯାଉଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗୀ ସଂସ୍ଥା ନାବାର୍ଡ, ନାଫେଡ୍ ଓ ମାର୍କଫେଡ୍ ମାଧ୍ୟମରେ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀମାନେ ସଠିକ ମୂଲ୍ୟ ପାଇବେ ବୋଲି କୁହାଯାଇଛି । ବିଶେଷ କରି ଅଂଚଳର ଚାଷୀମାନେ ପଞ୍ଜିକରଣ କରି ନିଜ ଉତ୍ପାଦିତ ରବି ଫସଲ ଆଣି ସଂଗ୍ରହ କେନ୍ଦ୍ରରେ ଦେଇ ପାରିବେ । ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଜିଲ୍ଲା ପାଇଁ ୬ ହଜାର ଟନ ଫସଲ କ୍ରୟ କରିବାକୁ ଲକ୍ଷ ଧାର୍ଯ୍ୟ ହୋଇଛି । ଏହି ପଦକ୍ଷେପ ଫଳରେ ଚାଷୀମାନେ ଦଲାଲ ଉପରେ ନିର୍ଭରଶୀଳ ହେବାରୁ ମୁକ୍ତି ପାଇବା ସହ ନିଜ ଫସଲର ଉଚିତ ମୂଲ୍ୟ ପାଇପାରିବେ ବୋଲି ମତ ପ୍ରକାଶ ପାଇଛି । ଏଥିପାଇଁ ପ୍ରଥମକରି ୧୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଆହୁରି ଅନେକ ଚାଷୀ ପଞ୍ଜିକରଣ କରିବେ ବୋଲି କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏଡିଓ ପ୍ରୀତିରେଖା ମହାଲିକ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଅନୁରାଧା ପଣ୍ଡା, ନାଫେଡ ମାର୍କେଟିଂ ହେଡ୍ ଗୋବିନ୍ଦ ମୁର୍ମୁ, ମାର୍କଫେଡ ସମ୍ପାଦକ ବିଜେନ୍ଦ୍ର କୁମାର ମହାନ୍ତି, ଡିଡିଏମ୍ ନାବାର୍ଡ ଦୀପକ କୁମାର ସାହୁ, କୃଷକ ସାଥୀ ଶୁଶାନ୍ତ ଲେଙ୍କା, କମ୍ପାନୀ ଡାଇରେକ୍ଟର ବିକ୍ରମ କେଶୋରୀ ବସନ୍ତିଆ, କମ୍ପାନୀ ସିଇଓ ସୁବ୍ରତ ସାମଲ ପ୍ରମୁଖଙ୍କ ସମେତ ଅନେକ ସ୍ଥାନୀୟ ଚାଷୀ ଯୋଗଦେଇଥିଲେ ।

# ତୃତୀୟ ନୟନର ନାଟକ 'ବିଚାର ପଥର' ମଂଚସ୍ଥ

ନୟାଗଡ଼(ନିପ୍ର): ପଠାଣି ସାମନ୍ତ ଅଡିଟୋରିୟମର ଭରପୂର ପ୍ରେକ୍ଷାଳୟରେ ମଇ ସତର ସନ୍ଧ୍ୟାରେ ନାଟ୍ୟପ୍ରେମୀ ଦର୍ଶକ ମାନଙ୍କୁ ଆରମ୍ଭରୁ ଶେଷ ଯାଏଁ ବାନ୍ଧି ରଖି ପାରିଥିଲା ଅଦ୍ଭୁତପୂର୍ବ ଉତ୍କଣ୍ଠାମୟ ମଂଚ ମାୟାରେ । କମ୍ରେଡ୍ ବିଶ୍ୱନାଥ ମହାପାତ୍ରଙ୍କ ବଳିଷ୍ଠ କାହାଣୀକୁ ନେଇ ନାଟ୍ୟରୂପ ଦେବା ସହିତ ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନାଟ୍ୟକାର ଗଦାଧର ନନ୍ଦ । ବରିଷ୍ଠ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନାଟକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶୀଷ ପଟ୍ଟନାୟକ । ଅନୁଷ୍ଠାନର ସଂପାଦକ ବିଶ୍ୱନାଥ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନ ପର୍ବରେ ନୟାଗଡ଼ର ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ ଓ ପବିତ୍ର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂପ୍ରତିକ କାଳରେ ଘଟୁଥିବା କର୍ପୋରେଟ୍ ପୁଞ୍ଜିର ଆଗ୍ରାସୀ ପ୍ରଭାବ, ରାଷ୍ଟ୍ର ବ୍ୟବସ୍ଥାର ସାଲିସବାଦୀ ନମନୀୟ ମନୋଭାବ ଓ ତନ୍ମଧ୍ୟରେ ବଂଚିତ ବର୍ଗର ଶ୍ରେଣୀକ୍ରୋଧ ନିଆଁ କୁ ଆଧାର କରି ଗଢ଼ି ଉଠିଥିବା ଏଇ ମନଛୁଆଁ କାହାଣୀ ବେଶ୍ ଉତ୍କଣ୍ଠା ଉଦ୍ଦୀପକ ଥିଲା । ନାଟକରେ ନୀଳିମା, ଶାବରୀ, ପାୟଲ, ଦେବେନ୍ଦ୍ର, ପ୍ରଦୀପ୍ତ, ଗୋଦାବରୀ, ଅନ୍ତର୍ଯ୍ୟାମୀ, ସଂଜୟ, ସୁଦର୍ଶନ, ନିରଞ୍ଜନ, ବିଜୟାନନ୍ଦ, ପ୍ରତାପ, ନିର ସାହୁ, ପ୍ରଦୀପ ସାର, ମିଷ୍ଟର କାଳିଆ, ରବି, ବିଭୁତି, ପାଣ୍ଡବ ପ୍ରଭୃତି ଙ୍କ ଅଭିନୟ ଯାଦୁ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବାସୁଦେବ ମିଶ୍ର, କ. ଶରତଚନ୍ଦ୍ର ବେହେରା, ଡ. ଗୀତାଞ୍ଜଳୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଞ୍ଜନରଶ୍ମି ଜେନା, ଖାଲିକ୍ ସାର, ପ୍ରଧାନୀ ସାର, କାମାକ୍ଷା ପ୍ରସାଦଙ୍କ ଉଦ୍ୟମଶୀଳତାରେ ମଂଚସ୍ଥ ହୋଇଥିବା ଏହି ନାଟକର ସଙ୍ଗୀତ ପରିଚାଳନା କରିଥିଲେ ଶକ୍ତି ପ୍ରସାଦ ମିଶ୍ର, ଆଲୋକ ଓ ଶବ୍ଦରେ ବିପି ଆଉ ସାଗର, ରୂପସଜାରେ ଭବାନୀ ଚିତ୍ରାଳୟ ଓ ଶିଳ୍ପୀ କୁଟୀର ନାଟକକୁ ଉପଭୋଗ୍ୟ କରିଥିଲେ ।

# ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କ ନିକଟରେ ଅନସ୍ଥା ପ୍ରସ୍ତାବ ଆଗତ




ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୁଦ୍ଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି । ନୟାଗଡ଼ ବ୍ଲକର ୪୫ ଜଣ ସରପଂଚ ଓ ସମିତିସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବକୁ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ପ୍ରଦାନ କରାଯାଇଛି । ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ନେତୃତ୍ୱରେ ଏହି ଅନସ୍ଥା ଆଗତ କରାଯାଇଛି । ନୟାଗଡ଼ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁ ଗତ ୧୨ ତାରିଖରେ ବିଜେଡିରୁ ଇସ୍ତଫା ଦେଲେ । ୧୫ ତାରିଖ ସଂନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶିଥିଲେ । ବିଜୁ ଜନତା ଦଳ ସରପଂଚ ଓ ସମିତିଙ୍କ ଅଗୋଚରରେ ସେ ଦଳୀୟ ଶୃଙ୍ଖଳାକୁ ଉଲଂଘନ କରି ଦଳ ଛାଡ଼ି ଥିବାରୁ ତାଙ୍କ ବିରୁଦ୍ଧରେ ଅସନ୍ତୋଷ ବଢ଼ିଥିଲା । ଯାହାକୁ ନେଇ ଗତ ୧୫ ତାରିଖରେ ସରପଂଚ ଓ ସମିତିସଭ୍ୟଙ୍କ ଏକ ବୈଠକ ହୋଇଥିଲା । ଅନ୍ୟପକ୍ଷେ, ଏକୁଟିଆ ତରବରିଆ ଭାବେ ବିଜେପିରେ ମିଶିଥିବା ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡି ଛାଡ଼ିଥିବା ବେଳେ ବାସ୍ତବତାକୁ ନେଇ ଏବେ ନୟାଗଡ଼ରେ ପ୍ରବଳ ଚର୍ଚ୍ଚା । କିଶୋର ୨୦୨୨ ମସିହାରେ ଅରୁଣଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଅନାସ୍ଥା ପ୍ରସ୍ତାବ ପ୍ରଦାନ ସମୟରେ ଅନେକ ସରପଂଚ, ସମିତିଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ ଅଗ୍ରୱାଲ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ ।

# ଜଟିଆ ଷ୍ଟିଲର ଦାଦାଗିରି, ବିନା ନୋଟିସ୍‌ରେ ୩୫ ଶ୍ରମିକ ଛଟେଇ



କଳିଙ୍ଗନଗର(ନିପ୍ର): କଳିଙ୍ଗ ନଗର ଶିଳ୍ପାଂଚଳରେ ପୁଣିଥରେ ଶ୍ରମିକ ଛଟେଇ ଘଟଣାକୁ କେନ୍ଦ୍ର କରି ତୀବ୍ର ଉତେଜନା ଓ ଅଶାନ୍ତି ସୃଷ୍ଟି ହୋଇଛି । ଜଟିଆ ଷ୍ଟିଲ୍ କାରଖାନାରେ କାର୍ଯ୍ୟରତ ୩୫ ଜଣ ଠିକା ଶ୍ରମିକଙ୍କୁ କୌଣସି ପୂର୍ବ ସୂଚନା ବା ନୋଟିସ୍ ବିନା ହଠାତ କାର୍ଯ୍ୟରୁ ବାଦ୍ ଦେବା ଘଟଣା ଏବେ ଶିଳ୍ପାଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଅନୁଯାୟୀ, ଗତକାଲି ପର୍ଯ୍ୟନ୍ତ ଶ୍ରମିକମାନେ ସାଧାରଣ ଭାବେ କାର୍ଯ୍ୟରେ ନିୟୋଜିତ ଥିଲେ । କିନ୍ତୁ ଆଜି ସକାଳେ କାମକୁ ଯିବା ସମୟରେ କାରଖାନାର ମୁଖ୍ୟ ଫାଟକରେ ସେମାନଙ୍କୁ ପ୍ରବେଶରୁ ଅଟକାଯାଇଥିଲା । ସୁରକ୍ଷା କର୍ମୀଙ୍କ ତରଫରୁ କୁହାଯାଇଥିଲା ଯେ, ସମ୍ପୃକ୍ତ ଠିକାଦାରଙ୍କ ଟେଣ୍ଡର ଅବଧି ଶେଷ ହୋଇଥିବାରୁ ଏବେ ଆଉ ପ୍ରବେଶ ନିଷିଦ୍ଧ । ଏହି ଶ୍ରମିକମାନେ ଦୀର୍ଘ ଏକ ବର୍ଷ ଧରି ଠିକାଦାର ମଦନ ମୋହନ ଶର୍ମାଙ୍କ ଅଧୀନରେ କାମ କରୁଥିବା ବେଳେ, ଏପରି ହଠାତ ଛଟେଇକୁ ନେଇ ଅସନ୍ତୋଷ ବଢ଼ିଛି । ନିୟମ ଉଲ୍ଲଂଘନର ଅଭିଯୋଗ ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ ଛଟେଇ ପୂର୍ବରୁ ୧ ମାସର ନୋଟିସ୍ ଦିଆଯାଇନାହିଁ ଦୁଇ ମାସର ଦରମା ବକେୟା ରହିଛି, ରଝଓ, ଗେଟ୍ ପାସ୍ ଓ ମେଡିକାଲ ସୁବିଧା ନାହିଁ । ଦୈନିକ ୧୨ ଘଂଟା କାମ କରାଯାଉଛି ଏହା ସ୍ପଷ୍ଟ କରୁଛି ଯେ ଶ୍ରମ ନିୟମକୁ ସଂପୂର୍ଣ୍ଣ ଅବହେଳା କରାଯାଇଛି । ଗ୍ରୀଷ୍ମ ତାପରେ ମାନବିକତାର ଅଭାବ ପ୍ରଚଣ୍ଡ ଗ୍ରୀଷ୍ମ ତାପ ସତ୍ତ୍ୱେ ଶ୍ରମିକମାନେ ଗେଟ୍ ସାମ୍ନାରେ ନ୍ୟାୟ ଦାବିରେ ଦଣ୍ଡାୟମାନ ଥିଲେ । କିନ୍ତୁ କାରଖାନା ପକ୍ଷରୁ ପିଇବା ପାଣି ପର୍ଯ୍ୟନ୍ତ ବ୍ୟବସ୍ଥା ନ କରାଯିବା ମାନବିକତା ଉପରେ ପ୍ରଶ୍ନ ଉଠାଇଛି । ଶ୍ରମ ବିଭାଗ ଉପରେ ପ୍ରଶ୍ନଚିହ୍ନ ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ପଚାରୁଛନ୍ତି । ଶ୍ରମ ବିଭାଗ କାହା ପାଇଁ ଶ୍ରମିକଙ୍କ ସୁରକ୍ଷା କି ଶିଳ୍ପପତିଙ୍କ ସୁବିଧା । ଶ୍ରମିକଙ୍କ ଦାବି କି ଶ୍ରମିକମାନେ ଦାବି କରିଛନ୍ତି ।ତୁରନ୍ତ ପୁନର୍ବାର ନିଯୁକ୍ତି ବକେୟା ଦରମା ପ୍ରଦାନ ଚର, ରଝଓ ସୁବିଧା ନିଶ୍ଚିତ ୮ ଘଂଟିଆ କାର୍ଯ୍ୟ ସମୟ ଲାଗୁ ଆଗାମୀ ଦିନରେ ବଡ଼ ଆନ୍ଦୋଳନର ସଙ୍କେତ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ କଳିଙ୍ଗନଗରରେ ବଡ଼ ପରିମାଣରେ ଶ୍ରମିକ ଆନ୍ଦୋଳନ ଜୋର ଧରିପାରେ ବୋଲି ସତର୍କ କରାଯାଇଛି । ଏହି ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ପ୍ରଶାସନ ଓ ଶ୍ରମ ବିଭାଗ କେମିତି ପଦକ୍ଷେପ ନେଉଛନ୍ତି, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ଏବେ ଅଟକି ରହିଛି ।

# ମଦନ ମୋହନ ସରସ୍ୱତୀ ବାଳିକା ବିଦ୍ୟାଳୟର ମାଣିକ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ସୋର(ନିପ୍ର): ସୋର ବ୍ଲକ ଗୋପୀନାଥପୁର ପଂଚାୟତ ମଙ୍ଗଳପୁର ସ୍ଥିତ ମଦନ ମୋହନ ସରସ୍ୱତୀ ବାଳିକା ବିଦ୍ୟାଳୟର ମାଣିକ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଥିବା ଏହି କାର୍ଯ୍ୟକ୍ରମର ଆଜି ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବରେଣ୍ୟ ଅତିଥି ଭାବେ ସମାଜସେବୀ ଶଙ୍କର୍ଷଣ ବାରିକ, ସ୍ଥାନୀୟ ସରପଂଚ ବନିତା ପଣ୍ଡା, ସମିତି ସଭ୍ୟା ସସ୍ମିତା ବେହେରା ଏବଂ ଶିକ୍ଷାବିତ ଶ୍ରୀଧର ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଉତମ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ କନକ ରଶ୍ମି ଦାସ ମାଣିକ୍ୟ ଜୟନ୍ତୀ ପତାକା ଉତୋଳନ କରିଥିବା ବେଳେ ଶିକ୍ଷାବିତ କିଶୋରୀ ମୋହନ ରଥ ମାଣିକ୍ୟ ଜୟନ୍ତୀ ଫଳକ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ସଂଧାରେ ପୁରାତନ ଛାତ୍ରୀ ସଂସଦର ସମ୍ପାଦକ ଡ.ସୁନାଲି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୋର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରତ୍ନାକର ମୁଦୁଲି ଓ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିକ୍ଷକ ଉତମ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟା ଅଧିବେଶନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ଅଧିବେଶନରେ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା ଅବସରକାଳୀନ ସମ୍ବର୍ଧନା ପ୍ରଦାନ କରିଥିଲେ ।

# କଂଗ୍ରେସର ବୁଥ ଲେଭେଲ୍ ଏଜେଂଟ-୨ ମାନଙ୍କ ବୈଠକ

କଟକ(ନିପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀ ପାଇଁ ବିଏଲ୍‌ଏ-୧ ଭାବରେ କଂଗ୍ରେସ ନେତା ତଥା ପିସିସି ସାମାଜିକ ଗଣ ମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି ନିଯୁକ୍ତ ହେଇଥିବା ବେଳେ ସେ ନିର୍ବାଚନ ମଣ୍ଡଳୀର ସମୁଦାୟ ୨୧୭ ଗୋଟି ବୁଥ ରେ ଜଣେ ଲେଖାଏଁ ବିଏଲ୍‌ଏ-୨ ନିଯୁକ୍ତି କରିବେ ଓ ସେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବିଏଲ୍‌ଏ-୧ ଭାବେ ନିଯୁକ୍ତି ପାଇଥିବା ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଏଲ୍‌ଏ-୨ ମାନଙ୍କର ଏକ ପ୍ରଶିକ୍ଷଣ ବୈଠକ ନିମଚୌଡି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଏଲ୍‌ଏ-୨ ମାନଙ୍କର ବୁଥ ରେ କଣ କଣ କାର୍ଯ୍ୟ ରହିଛି ସେ ସମ୍ପର୍କରେ ଶ୍ରୀ ମହାନ୍ତି ବୁଝାଇ କହିଥିଲେ । ବୁଥରେ ବିଏଲ୍‌ଓ ଙ୍କ ସହିତ ଯୋଗସୂତ୍ର ରକ୍ଷାକରୀ ଏସ.ଆଇ.ଆର କାର୍ଯ୍ୟ ରେ ସହଯୋଗ କରିବା, ଜନଗଣନା କାର୍ଯ୍ୟକୁ ତଦାରଖ କରିବା, ବୁଥ ର ବିଭିନ୍ନ ସମସ୍ୟା କୁ କଂଗ୍ରେସର ସିପାହୀ ଭାବରେ ଚିହ୍ନଟ କରିବା ସହ ତୃଣମୂଳ ସ୍ତରରେ କଂଗ୍ରେସ କୁ ମଜବୁତ କରିବା ପ୍ରତି ଧ୍ୟାନ ଦେବା ଓ ସୋସିଆଲ ମିଡିଆକୁ ଭରପୁର ବ୍ୟବହାର କରିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ ।


**NOTICE (FOR MINOR)**

By virtue of an affidavit sworn before Executive Magistrate Balasore, dated 04.04.2026 I, Sattuik Jee, Address At.-Dewanpatana, Po-Sunhat, Ps-Town, Dist.-Balasore, Odisha-756002 declare that I have changed the name of my daughter's from Shriyanshi Patanaik to Sreyansee Pattanayak. Henceforth, she shall be known as Sreyansee Pattanayak for all purposes.

Sd/-
Sattuik Jee



**ସାର୍ବଜନୀନ ବିଜ୍ଞପ୍ତି**

**ଖଡ଼୍‌ପୁର ଡିଭିଜନର ଖଂଟାପାର-ସୋରୋ ମଧ୍ୟରେ ନୂତନ ନିର୍ମିତ ତୃତୀୟ ଲାଇନ ଉପରେ ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନରଙ୍କ ୧୯.୦୫.୨୦୨୬ରୁ ୨୦.୦୫.୨୦୨୬ ପର୍ଯ୍ୟନ୍ତ ଯାଂଚ**

ଏହାଦ୍ୱାରା ସୂଚିତ କରାଯାଉଛି ଯେ ଦକ୍ଷିଣ ପୂର୍ବ ସର୍କଲ, କୋଲକାତାର ରେଳ ସୁରକ୍ଷା କମିଶନର ୧୯.୦୫.୨୦୨୬ ରୁ ୨୦.୦୫.୨୦୨୬ ପର୍ଯ୍ୟନ୍ତ ଖଡ଼ଗପୁର ଡିଭିଜନର ଖଂଟାପାର-ସୋରୋ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ ଖୋଲିବା ପାଇଁ ଏକ ଯାଂଚ କରିବେ । ଆବଶ୍ୟକୀୟ ଯାଂଚ ଯାଂଚ ସ୍ପେଶାଲ୍, ମୋଟର ଟ୍ରଲି, ପୁସ୍ ଟ୍ରଲି ଇତ୍ୟାଦି ଦ୍ୱାରା କରାଯିବ ଏବଂ ସ୍ପିଡ୍ ଟ୍ରାଏଲ୍ ୧୯.୦୫.୨୦୨୬ ରୁ ୨୦.୦୫.୨୦୨୬ ପର୍ଯ୍ୟନ୍ତ ଯାଂଚ ସ୍ପେଶାଲ୍ ଦ୍ୱାରା କରାଯିବ । ରାସ୍ତା ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଏହି ବିଜ୍ଞପ୍ତିକୁ ମନେ ରଖିବାକୁ ଏବଂ ଲାଇନ ପାର ହେବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ସତର୍କତା ଅବଲମ୍ବନ କରିବାକୁ ଏବଂ ଅନଧିକାର ପ୍ରବେଶ ଏଡାଇବାକୁ ପରାମର୍ଶ ଦିଆଯାଉଛି ।

(PR-187) **ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ),ଗାର୍ଡେନ୍ ରିଚ୍**

**ଦକ୍ଷିଣପୂର୍ବ ରେଳପଥ**
ସହର୍ଷେ ସମସ୍ତଙ୍କ ସେବାରେ


# ରାଜସ୍ୱ ନା ମଦୁଆ ସୃଷ୍ଟିର ପ୍ରତିଯୋଗିତା ୫ବର୍ଷରେ ଅବକାରୀ ଟାର୍ଗେଟ୍ ଆକାଶଛୁଆଁ

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡ଼ିକ ପାଇଁ ସରକାର ଧାର୍ଯ୍ୟ କରିଥିବା ନୂତନ ଲକ୍ଷ୍ୟ ଏବେ ସ୍ଥାନୀୟ ଅଂଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷର ବିଷୟ ପାଲଟିଛି । ୨୦୨୧ ମସିହା ତୁଳନାରେ ୨୦୨୬ରେ ସରକାରଙ୍କ ଅବକାରୀ ନୀତି ଓ ଟାର୍ଗେଟ ରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ସାଧାରଣ ଲୋକଙ୍କୁ ଚକିତ କରିଛି । ପରିମାଣ ବଦଳରେ କେବଳ ମୋଟା ଅଙ୍କର ନଗଦ ଟଙ୍କା ଆଦାୟ କରିବାକୁ ସରକାର ଯେଉଁ ବାଧ୍ୟତାମୂଳକ ନିୟମ ଆଣିଛନ୍ତି, ତାହା ପରୋକ୍ଷରେ ଗ୍ରାମାଂଚଳରେ ମଦର ବନ୍ୟା ଛୁଟାଇ ବାକୁ ସରକାରୀ ପ୍ରୋତ୍ସାହନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି । ୨୦୨୧ ମସିହାରେ ସରକାରୀ ନୀତି ଅନୁଯାୟୀ, ମଦ ଦୋକାନଗୁଡ଼ିକୁ 'ସର୍ବନିମ୍ନ ଗ୍ୟାରେଂଟି ପ୍ରାପ୍ତ ପରିମାଣ' (ଗଏଛ) ଆଧାରରେ ମାସିକ କେତେ ଲିଟର ବା ବୋତଲ ମଦ କିଣିବା/ ବିକ୍ରି କରିବାକୁ ହେବ, ତାହାର ଏକ ସୀମିତ କୋଟା ରହୁଥିଲା । ସେତେବେଳେ ମାସିକ କୌଣସି ନିର୍ଦ୍ଦିଷ୍ଟ ଟଙ୍କାର ଲକ୍ଷ୍ୟ ନଥିଲା । ମାତ୍ର ନୂତନ ଅବକାରୀ ନୀତିରେ ସରକାର ସମ୍ପୂର୍ଣ୍ଣ ଆର୍ଥିକ ଟାର୍ଗେଟ ଅର୍ଥାତ 'ସର୍ବନିମ୍ନ ଗ୍ୟାରେଂଟି ପ୍ରାପ୍ତ ଅବକାରୀ ରାଜସ୍ୱ' ଧାର୍ଯ୍ୟ କରିଛନ୍ତି । ଏହାର ଅର୍ଥ ହେଉଛି, ଦୋକାନୀଙ୍କୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ମଦ ସରକାରଙ୍କ ଠାରୁ ଉଠାଇବାକୁ କିମ୍ବା ସେହି ଅନୁଯାୟୀ ରାଜସ୍ୱ ଦେବାକୁ ବାଧ୍ୟ କରାଯାଉଛି ।ସରକାରଙ୍କ ଧାର୍ଯ୍ୟ ଟାର୍ଗେଟ ଅନୁସାରେ ଧୁଷୁରୀ ମଦ ଦୋକାନ ସବୁଠାରୁ ଆଗରେ ରହିଛି । ୨୦୨୧ରେ ମାସିକ ସର୍ବନିମ୍ନ ୩,୬୦୦ ବଲ୍କ ଲିଟର (ପ୍ରାୟ ୫,୫୩୮ ବୋତଲ) ବିୟର ଏବଂ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (ପ୍ରାୟ ୪,୨୬୬ ବୋତଲ) ବିଦେଶୀ ମଦ ବିକ୍ରିର ଲକ୍ଷ୍ୟ ଥିଲା । ଏବଂ କସନ୍ ମନି ଥିଲା ୬୩,୩୬୦ ଟଙ୍କା । ୨୦୨୬ରେ ଗ୍ରାମାଂଚଳରେ ଥିବା ଏହି ଦୋକାନ ଉପରେ ସରକାର ଏବେ ମାସିକ ଧାର୍ଯ୍ୟ କରିଛନ୍ତି ସର୍ବାଧିକ ୬୬,୨୮,୦୦୦ ଟଙ୍କା । ୨୦୨୧ର ପ୍ରାରମ୍ଭିକ ଆଧାର ତୁଳନାରେ ଏହା ପ୍ରାୟ ୧୦୪.୬୧ ଗୁଣା ଅଧିକ । ସେହିପରି ଧାମନଗର ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୪,୫୦୦ ବଲ୍କ ଲିଟର (୬,୯୨୩ ବୋତଲ) ଓ ବିଦେଶୀ ମଦ ୩,୦୦୦ ଏଲପିଏଲ୍ (୫,୩୩୩ ବୋତଲ) ଥିଲା । କସନ୍ ମନି ଥିଲା ୭୯,୨୦୦ ଟଙ୍କା । ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬,୧୭,୦୦୦ ଟଙ୍କା କରାଯାଇଛି । ଦୋବଲ ବିଦେଶୀ ମଦ ଦୋକାନର ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ) ଧାର୍ଯ୍ୟ କରାଯାଇଥିଲା । ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଧାର୍ଯ୍ୟ ହୋଇଥିଲା. । ୨୦୨୧ରେ ଦୋକାନ ପାଇଁ କସନ୍ ମନି ୬୩,୩୬୦ ଟଙ୍କା ରହିଥିଲା । ୨୦୨୬ ମସିହାର ନୂତନ ସରକାରୀ ଗାଇଡଲାଇନ୍ ଅନୁଯାୟୀ, ଏବେ ବୋତଲ ବା ଲିଟର ପରିବର୍ତେ 'ସର୍ବନିମ୍ନ ଗ୍ୟାରେଂଟି ପ୍ରାପ୍ତ ଅବକାରୀ ରାଜସ୍ୱ' ବା ମାସିକ କେତେ ଟଙ୍କାର ମଦ କିଣିବାକୁ ହେବ, ତାହାର କଠୋର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଏହାର ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ହେଉଛି ୩୮,୬୦,୦୦୦ ଟଙ୍କା । ୫ ବର୍ଷ ପରେ ଉଭୟ ଦୋକାନର କସନ୍ ମନି ବୃଦ୍ଧି ପାଇ ସମାନ ଭାବେ ୧,୩୩,୦୦୦ ଟଙ୍କାରେ ପହଂଚିଛି । ଏହାର ନୂତନ ଟାର୍ଗେଟ୍ ୨୦୨୧ ମସିହା ତୁଳନାରେ ପ୍ରାୟ ୬୦.୯୨ ଗୁଣା ଅଧିକ । ଅସୁରାଳି ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ) ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଥିଲା । ସେହି ସମୟରେ ଲାଇସେନ୍ସଧାରୀଙ୍କ କସନ୍ ମନି ୬୩,୩୬୦ ଟଙ୍କା ଧାର୍ଯ୍ୟ ହୋଇଥିଲା । ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬,୧୭,୦୦୦ ଟଙ୍କା ରଖାଯାଇଛି । କସନ୍ ମନି ମଧ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇ ୧,୩୩,୦୦୦ ଟଙ୍କାରେ ପହଂଚିଛି । ପୂର୍ବଥର ଅପେକ୍ଷା ଏଥର କାରବାର ଲକ୍ଷ୍ୟ ପ୍ରାୟ ୮୮ ଗୁଣରୁ ଅଧିକ ବୃଦ୍ଧି ପାଇଛି । ଏଥର ଆବେଦନ ଦେୟ ଅତ୍ୟଧିକ ବୃଦ୍ଧି କରାଯାଇଛି ଏବଂ ଏହା ସମ୍ପୂର୍ଣ୍ଣ ଭାବେ 'ଅଣ-ଫେରସ୍ତଯୋଗ୍ୟ' ବୋଲି ଧାର୍ଯ୍ୟ ହୋଇଛି । ଆବେଦନ ଦେୟ ଫେରସ୍ତ ମିଳିବାକୁ ନଥିବାରୁ ଏବଂ ଆର୍ଥିକ ରିସ୍କ ଅଧିକ ଥିବାରୁ ସାଧାରଣ ବା ନୂତନ ବ୍ୟବସାୟୀମାନେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଆଦୌ ଆଗ୍ରହ ଦେଖାଉ ନାହାନ୍ତି । ଫଳରେ, ଯେଉଁମାନଙ୍କର ପୂର୍ବରୁ ଭିତିଭୂମି ରହିଛି ଏବଂ ଯେଉଁ ପୁରୁଣା ପ୍ରଭାବଶାଳୀ ଲୋକମାନେ ମଦ ଲାଇସେନ୍ସ ପାଇଥିଲେ, ସେହିମାନେ ହିଁ କେବଳ ଚଳିତ ବର୍ଷ ଆବେଦନ କରୁଛନ୍ତି । ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ, ସରକାରଙ୍କ ଏହି ନୀତି ଯୋଗୁଁ ବଜାରରେ କିଛି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀଙ୍କର ଏକଚାଟିଆ ଅଧିକାର ସୃଷ୍ଟି ହେବ, ଯାହା ଆଗାମୀ ଦିନରେ ଅଂଚଳରେ ଭୟଙ୍କର 'ମଦ ମାଫିଆ' ସୃଷ୍ଟି ହେବାର ଆଶଙ୍କାକୁ ବଢ଼ାଇ ଦେଇଛି । ପ୍ରଶ୍ନ ଉଠୁଛି, ରାଜସ୍ୱ ବାହାନାରେ ସରକାର ନିଜର ଆଭ୍ୟନ୍ତରୀଣ ପାଣ୍ଠି ବଢ଼ାଇବାକୁ ଯାଇ ଧାମନଗର ଭଳି ଏକ ସାଂସ୍କୃତିକ ଅ*ଳକୁ ମଦୁଆଙ୍କ ଗଡ଼ରେ ପରିଣତ କରିବାକୁ ଚାହୁଁଛନ୍ତି କି ? ସରକାରଙ୍କ ଏହି ଜନବିରୋଧୀ ଅବକାରୀ ନୀତି ବିରୋଧରେ ଆଗାମୀ ଦିନରେ ସ୍ଥାନୀୟ ମହିଳା ସଂଗଠନ ଓ ସଚେତନ ନାଗରିକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି ।





# ଧୂମଧାମରେ ଚାଲିଛି ମା ରାମାୟାଣାମ୍ବା ଠାକୁରାଣୀ ଯାତ୍ରା

## ଆସନ୍ତା ଜୁନ ୧ ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଛତ୍ରପୁର ମହୋତ୍ସବ ଓ ଜିଲ୍ଲା ସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମ୍ପଦ ମେଳା

ଛତ୍ରପୁର, (ନି.ପ୍ର.) : ଛତ୍ରପୁରରେ ମେ ୪ ତାରିଖ ଠାରୁ ଆରାଧ ଦେବୀ ମା ରାମାୟାଣାମ୍ବା ଠାକୁରାଣୀଙ୍କ ଯାତ୍ରା ଧୂମଧାମରେ ଚାଲିଥିବା ବେଳେ ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଚଳିତ ବର୍ଷ ଛତ୍ରପୁର ମହୋତ୍ସବ ଓ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଆୟୋଜନ କରାଯିବ । ଏହି ମହୋତ୍ସବ ଆସନ୍ତା ଜୁନ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ ।ଏଥିନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାଷନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ପୋଲିସ୍ ପ୍ରଶାସନ ଓ ଆୟୋଜନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।ଚଳିତ ବର୍ଷର ମହୋତ୍ସବରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସହିତ ଛତ୍ରପୁର ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଧ୍ୟ ଆୟୋଜିତ ହେବ । ଏହା ସହିତ ଓରମାସ, ଓଡିଶା ଜୀବିକା ମିଶନ, ମିଶନ



ଶକ୍ତି ଓ ସୁଭଦ୍ରା ଶକ୍ତି ସମେତ ବିଭିନ୍ନ ଲାଇନ ବିଭାଗର ସମନ୍ୱୟରେ ପ୍ରାୟ ୧୫୦ଟି ଷ୍ଟଲ୍ ଖୋଲାଯିବ । ଏହି ଷ୍ଟଲ୍ ?ଗୁଡ଼ିକ ମାଧ୍ୟମରେ ଲୋକମାନଙ୍କୁ ସରକାରୀ ଯୋଜନା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପାନୀୟ ଜଳ, କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମ୍ପର୍କିତ ସଚେତନତା ପ୍ରଦାନ କରାଯିବ ।ମହୋତ୍ସବରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହିତ କଳା ଓ ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ । ୩୦ଟି ଟ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ବିଭିନ୍ନ ଲୋକକଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯିବ ।ଆଇନ-ଶୃଙ୍ଖଳା, ଟ୍ରାଫିକ୍ ପରିଚାଳନା, ଅଗ୍ନି ନିରାପତା, ବିଦ୍ୟୁତ୍, ପରିମଳ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ମହୋତ୍ସବ ସମୟରେ ଆଇନ-ଶୃଙ୍ଖଳା ସୁଚାରୁ ରଖିବା ପାଇଁ ପୋଲିସ୍ ମୁତୟନ କରାଯିବ । ଏହି ବୈଠକରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଓରମାସ ଡେପୁଟି ସିଇଓ ଡ଼ଃ ରାଜଗୋପାଳ ଦାଶ, ଓଡିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରଥ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଜୟ କୃଷ୍ଣ ମହାପାତ୍ରଙ୍କ ସମେତ ପୋଲିସ୍, ଫାୟାର, ଟାଟା ପାୱାର, କୃଷି, ମତ୍ସ୍ୟ, ଉଦ୍ୟାନ, ପ୍ରାଣୀ ସମ୍ପଦ ଓ ମୃତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନବନିର୍ବାଚିତ ଓକିଲ ସଂଘ ପ୍ରତିନିଧିମାନଙ୍କୁ AOLA ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା

ବ୍ରହ୍ମପୁର (ନି.ପ୍ର.): ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଏ.ଓ.ଏଲ୍.ଏ) ପକ୍ଷରୁ ଆଜି ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପରେ ଏକ ଭବ୍ୟ ଓ ଗରିମାମୟ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ସଂଘ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ତାଙ୍କର ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ସାମାଜିକ ସଚେତନତାମୂଳକ କାର୍ଯ୍ୟ ପାଇଁ ଉପସ୍ଥିତ ଅତିଥିବୃନ୍ଦ ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ସଂଘର ସଭାପତି ଶ୍ରୀ ବିଭୁ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଡମ୍ବରପୂର୍ଣ୍ଣ ସମାରୋହରେ ସଂଘର ବରିଷ୍ଠ ନେତା ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଗରିମାମୟ ଉପସ୍ଥିତି ସଭାକୁ ଅଧିକ ମର୍ଯ୍ୟାଦାମଣ୍ଡିତ କରିଥିଲା । ଓଡ଼ିଶା



ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନଜୀବୀ ସମାଜର ଭୂମିକାକୁ ଗଣତନ୍ତ୍ରର ମୂଳ ଶକ୍ତି ବୋଲି ବର୍ଣ୍ଣନା କରିଥିଲେ । ସେ ଆଡଭୋକେଟମାନଙ୍କ ୱେଲଫେର୍ ଫଣ୍ଡକୁ ୫ କୋଟି ଟଙ୍କାରୁ ବୃଦ୍ଧି କରି ୨୦ କୋଟି ଟଙ୍କା କରାଯିବା ସହ ଖୁବ ଶୀଘ୍ର ସ୍ୱାସ୍ଥ୍ୟ ବୀମା ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନଜୀବୀମାନଙ୍କ ଏକତା ଓ ସଂଗଠିତ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଶ୍ରୀ ଜୀବନ କୁମାର ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲର ଉପାଧ୍ୟକ୍ଷ ଶ୍ରୀ ରାଜୀବ କୁମାର ମହାନ୍ତି, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ଶ୍ରୀ ଲଲାଟେନ୍ଦୁ ସାମନ୍ତରାୟ, ରାଜ୍ୟ ଲ' କମିଶନ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ସୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ସଭାରେ ଆଇନଜୀବୀ ସମାଜ ସମ୍ମୁଖୀନ ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସ୍ଥାୟୀ ସମାଧାନ ନେଇ ଗଭୀର ଆଲୋଚନା କରାଯାଇଥିଲା । ଆଡଭୋକେଟ୍ ୱେଲଫେର୍ ଫଣ୍ଡକୁ ୧୦ କୋଟିରୁ ୨୦ କୋଟି ଟଙ୍କାକୁ ବୃଦ୍ଧି, ଓଡ଼ିଶାରେ ଆଡଭୋକେଟ୍ ପ୍ରୋଟେକ୍ସନ୍ ଆକ୍ଟ ପ୍ରଣୟନ, ଆଇନଜୀବୀ ଓ ସେମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା, ଆଡଭୋକେଟ୍ ଏକାଡେମିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଏବଂ ଭୁବନେଶ୍ୱରରେ (ଏ.ଓ.ଏଲ୍.ଏ) କାର୍ଯ୍ୟାଳୟ ପାଇଁ ସରକାରୀ ଆବାସ ବ୍ୟବସ୍ଥା କରିବା ଭଳି ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଥିଲା । ସମ୍ମାନ ଗ୍ରହଣ କରିବା ପରେ ସଞ୍ଜିତ କୁମାର ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମିଳିଥିବା ଏହି ସମ୍ମାନ ତାଙ୍କ ପାଇଁ ଗୌରବ ଓ ଅପାର ପ୍ରେରଣାର ବିଷୟ । ସେ କହିଥିଲେ ଯେ, ଆଇନଜୀବୀ ସମାଜ କେବଳ ନ୍ୟାୟ ପ୍ରତିଷ୍ଠାର ଭିତି ନୁହେଁ, ବରଂ ସାମାଜିକ ନ୍ୟାୟ, ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷାରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି । ଆଇନ ବୃତି କେବଳ ଏକ ପେଶା ନୁହେଁ, ଏହା ସମାଜ ପ୍ରତି ଏକ ନିଷ୍ଠାପୂର୍ଣ୍ଣ ସେବାର ମାଧ୍ୟମ ବୋଲି ସେ ମତପ୍ରକାଶ କରିଥିଲେ । ଆଗାମୀ ଦିନରେ ଆଇନଜୀବୀମାନଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ସଂଘ ପକ୍ଷରୁ ମିଳିଥିବା ଏହି ସମ୍ମାନ ପାଇଁ ସେ ସମସ୍ତ କର୍ମକର୍ତା ଓ ସଦସ୍ୟଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଇଥିଲେ ।ଶେଷରେ ସଂଘର ପ୍ରଶାସନିକ ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବହୁ ଚର୍ଚ୍ଚିତ ନିଖିଳ ହତ୍ୟାକାଣ୍ଡରେ ଗିରଫ ହେଲେ ୯ ଅଭିଯୁକ୍ତ

ରାୟଗଡ଼ (ନି.ପ୍ର) ଧରା ପଡ଼ିଲେ ରାୟଗଡ଼ା ସହରରେ ଗତ ୯ ତାରିଖ ରାତିରେ ଘଟିଥିବା ବହୁ ଚର୍ଚ୍ଚିତ ହାଡପା ନିଖିଳ ହତ୍ୟାକାଣ୍ଡ ରେ ସମ୍ପୃକ୍ତ ଥିବା ୯ ଅଭିଯୁକ୍ତ । ଉକ୍ତ ଅଭିଯୁକ୍ତ ମାନେ ହେଲେ ରାୟଗଡା ସହର ରୋହିତ କଲୋନୀର ଉମେଶ ଚନ୍ଦ୍ର ହିଆଲ (୩୨), ଦୋରାଗୁଡା ଥାନା ଅନ୍ତର୍ଗତ କମ୍ପର ଗ୍ରାମର ରାଜ ସେମିଳି(୨୪) , ରାୟଗଡ଼ା ସ୍ଥିତ ଆର କେ ନଗରର ଅକ୍ଷୟ ସାମଲ(୩୨) ରାୟଗଡ଼ା ସହରର ତୁମ୍ବିଗୁଡା ର ରାଜା ହୁଇକା , ରାୟଗଡା ସହରର ସୁମିତ ଜୈନ (୩୬) , ଭି ଲୋକେଶ କୁମାର (୩୦) ଘର ରାୟଗଡା,ୱାଇ ଶ୍ୟାମ ସୁନ୍ଦର(୨୫) ଧୋବା ସାହି ରାୟଗଡା, ବି ପବନ କୁମାର (୨୬) ଘର ହାଉସିଂ ବୋର୍ଡ ରାୟଗଡା, ଏସ ପ୍ରେମ କୁମାର



(୨୪) ଘର ରାୟଗଡା । ଅଭିଯୁକ୍ତ ମାନଙ୍କୁ ରାୟଗଡ଼ା ଏସ ପି ଏସ ସ୍ୱାତୀ କୁମାର ଗଣମାଧ୍ୟମ ଆଗରେ ଦେଖାଇବା ସହ ସେମାନଙ୍କର ଦୁଇଟି ଗାଡ଼ି ଗୋଟିଏ , ବନ୍ଧୁକ, ମୋବାଇଲ ଫୋନ୍, ଏଟିଏମ୍ , ଓ ଆଧାର କାର୍ଡ ଗୁଡିକ ଜବତ କରିଥିବା କହିଛନ୍ତି । ଏହି ହତ୍ୟାକାଣ୍ଡରେ ସମୁଦାୟ ୨୧ ଜଣ ଅଭିଯୁକ୍ତ ରହିଥିବା ବେଳେ ଅନ୍ୟମାନଙ୍କୁ ଧରିବା ନେଇ ପୋଲିସ ପକ୍ଷରୁ ଚେଷ୍ଟା କରୁଥିବା ବେଳେ ଏମାନଙ୍କୁ ସହଯୋଗ କରିଥିବା ବ୍ୟକ୍ତି ମାନଙ୍କୁ ମଧ୍ୟ ଷ୍କାନରରେ ରଖିଥିବା କହିଛନ୍ତି । ଉକ୍ତ ମର୍ଡର ଘଟଣା ଆଲମଣ୍ଡା ଠାରେ ହେଉଥିବା ଜୁଆ ଆଡ୍ଡା ଲୁଟ୍ ଘଟଣାରୁ ଆରମ୍ଭ ହୋଇଥିବା ବେଳେ ଏହା ହତ୍ୟାକାଣ୍ଡର ରୂପ ନେଇଥିବା କହିଛନ୍ତି ।ଏହା ପୂର୍ବରୁ ମଧ୍ୟ ସେମାନଙ୍କ ମଧ୍ୟରେ ଛୋଟ ବଡ଼ ଝଗଡ଼ାକୁ ନେଇ ଶତୃତା ରହିଥିବା ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି । ଏହି ବ୍ରିଫିଂ ସମୟରେ ସେଠାରେ ରାୟଗଡ଼ା ଏ ଏସ ପି ରାମେନ୍ଦ୍ର ପ୍ରସାଦ, ରାୟଗଡ଼ା ଏସଡିପିଓ ଗୌରହରି ସାହୁ, ରାୟଗଡ଼ା ସଦର ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ ।

# ଭାଗିଦାରୀ ଯୋଜନାର ଶୁଭାରମ୍ଭ

ରାୟଗଡ଼ା (ନି.ପ୍ର)ରାୟଗଡ଼ା ଜିଲ୍ଲାରେ ଶୁଭାରମ୍ଭ ହେଲା ଜନ ଭାଗିଦାରୀ ଯୋଜନା । ଏହି ଯୋଜନାରେ ଜିଲ୍ଲାର ୫୨୫ଟି ଗାଁକୁ ଅନ୍ତର୍ଭୁକ୍ତ କରାଯିବ । ଭାରତ ସରକାରଙ୍କ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦେଶବ୍ୟାପୀ ଆଇ ଇ ସି ଅଭିଯାନ "ଜନ ଭାଗିଦାରୀ – ସବସେ ଦୂର, ସବସେ ପହେଲେ" ରାୟଗଡା ଜିଲ୍ଲାରେ ୧୮ ମଇ ୨୦୨୬ ରୁ ୨୫ ମଇ ୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅଭିଯାନର ଉଦ୍ଦେଶ୍ୟ ହେଲା ଜନଜାତି ଓ ପିଭିଟିକି ଅଂଚଳରେ ସଚେତନ?ତା ସୃଷ୍ଟି କରିବା ସହ ହିତାକାରୀ ସତୃପ୍ତି ଶିବିର ଆୟୋଜନ କରିବା । ଏହି କାର୍ଯ୍ୟକ୍ରମ ଅଧୀନରେ ରାୟଗଡା ଜିଲ୍ଲାର ମୋଟ ୫୨୫ଟି ଗାଁକୁ ଅନ୍ତର୍ଭୁକ୍ତ କରାଯିବ । ସେଥିରୁ ଧର୍ତି ଆବା ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ଅଧୀନରେ ୪୨୦ଟି ରାଜସ୍ୱ ଗାଁ ଓ ପିଏମ୍ ଜନମନ ଅଧୀନରେ



୧୦୫ଟି ରାଜସ୍ୱ ଗାଁ ରହିଛି । ଏହି ଅଭିଯାନ ମାଧ୍ୟମରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ପାଖକୁ ପହଂଚାଇବାକୁ ବିଶେଷ ଗୁରୁତ୍ୱ ଦିଆଯିବ, ବିଶେଷକରି ଦୁର୍ଗମ ଓ ପହଂଚିବାକୁ କଷ୍ଟସାଧ୍ୟ ଜନଜାତି ଅଂଚଳରେ । ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ନିଜ ନିଜ ବ୍ଲକରେ ସମସ୍ତ ବିଭାଗର ସମନ୍ୱୟରେ ଏହି ଅଭିଯାନକୁ ସଫଳ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯାନ ସମୟରେ ନିମ୍ନଲିଖିତ କାର୍ଯ୍ୟକ୍ରମ କରାଯିବ: ଗ୍ରାମ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ଥାନୀୟ ଓ ଜନଜାତି ଭାଷାରେ ସଚେତନତା କାର୍ଯ୍ୟକ୍ରମ ଓ ଚିହ୍ନଟ ହୋଇଥିବା ସମସ୍ତ ଗାଁରେ ହିତାକାରୀ ସମ୍ପୃପ୍ତି ଶିବିର ଆୟୋଜନ । ପ୍ରତିଦିନ ଆଦି ପ୍ରସାରଣ ପୋର୍ଟାଲ୍ ରେ ଫଟୋ ଓ ଭିଡିଓ ଅପଲୋଡ କରାଯିବ । ଅଂଶଗ୍ରହଣକାରୀଙ୍କ ସଂଖ୍ୟା, ଯୋଜନା ବିବରଣୀ ଓ ଶିବିର ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରାଯିବ । ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗୁଣୁପୁରର ପ୍ରକଳ୍ପ ପ୍ରଶାସକଙ୍କୁ ସମସ୍ତ ପୋର୍ଟାଲ ଅପଲୋଡ ଓ ଡକ୍ୟୁମେ[ସେନ କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯାଇଛ । ଏହି ଅଭିଯାନ ମାଧମରେ ରାୟଗଡା ଜିଲ୍ଲାର ଜନଜାତି ଅଂଚଳରେ ସଚେତନତା, ଲୋକଙ୍କ ଭାଗିଦାରୀ ଓ ସରକାରୀ ଯୋଜନାର ସୁବିଧା ପହଂଚାଇବାରେ ସହାୟତା ମିଳିବ । କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ଆଶୁତୋଷ କୁଳକର୍ଣୀ ନିଜେ ଗଣମାଧ୍ୟମ ସମ୍ମୁଖରେ ବିବୃତି ଦେବା ସହ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ମାଝୀଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବେତନଟୀ ରେଳଷ୍ଟେସନ ପରିସରରୁ ବିଦ୍ୟୁତ ସବ୍ ଷ୍ଟେସନ ସ୍ଥାନାନ୍ତରଣ ଦାବି

ବୈଶିଙ୍ଗା(ନି.ପ୍ର.) ଆଜକୁ ଦୀର୍ଘ ତିନିବର୍ଷ ଧରି କୋଟି କୋଟି ଟଙ୍କାରେ ବେତନଟୀ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଚାଲୁ ରହିଅଛି । ଅମୃତ ଭାରତ ଯୋଜନାଭୁକ୍ତ ଏହି ଷ୍ଟେସନର ଉନ୍ନତି କରଣକାର୍ଯ୍ୟ ପ୍ରାୟତଃ ଉଚ୍ଚ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ପରିଦର୍ଶନ ହେଉଛି । କିନ୍ତୁ ଠିକ୍ ଷ୍ଟେସନର ପ୍ରବେଶ ଦ୍ୱାରରେ ଥିବା ବିଦ୍ୟୁତ ସବ-ଷ୍ଟେସନ ଟିକୁ ଅନ୍ୟତ୍ର ସ୍ଥାନାନ୍ତକରଣ କାର୍ଯ୍ୟ ଅଟକି ରହିଛି । ଫଳରେ ଷ୍ଟେସନକୁ ପ୍ରବେଶ ଦ୍ୱାର ଓ ଅଣ୍ଡର ପାସ୍ ର ପ୍ରବେଶ ପଥରେ ଏହି ସବଷ୍ଟେସନ ରହି ସାଧାରଣ ଯାତ୍ରୀ ଓ ଯାତ୍ରୀ ପରିବହନ ଗାଡି, ମଟର ଯାତାୟତର ଅସୁବିଧା ସହ ପ୍ରବେଶ ଦ୍ୱାରର ସିମେ[ ଢଳାଇ କାର୍ଯ୍ୟ ପ୍ରାୟତଃ ବନ୍ଦ ରହିଛି ।ଷ୍ଟେସନ ସମ୍ମୁଖ ରାସ୍ତାରେ ପ୍ରାୟ ଦୁଇମାସ ପୂର୍ବରୁ ବିଦ୍ୟୁତ ତାର ଯିବା ନିମନ୍ତେ ରାସ୍ତା ପାର୍ଶ୍ୱରେ ମାଟି ତଳେ କେବୁଲ ବିଛାଣ କାର୍ଯ୍ୟ ସରିଛି । ଏହି ସମୟରେ ରାସ୍ତା କିଛିଟା କ୍ଷତିଗ୍ରସ୍ତ ହୋଇଥିବାର ଅଭିଯୋଗ ହୋଇଥିଲା । ଉକ୍ତ ବିଦ୍ୟୁତ ସବ-ଷ୍ଟେସନକୁ ତୁରନ୍ତ ହଟାଯାଇ ରେଳବାଇ କାର୍ଯ୍ୟ ଆଗେଇବାକୁ ନବ ନିଯୁକ୍ତ ରେଳ ପରାମର୍ଶଦାତା କମିଟି ସଦସ୍ୟ ରବୀନ୍ଦ୍ରନାଥ ମିଶ୍ର ଦାବି ଜଣାଇଛନ୍ତି ।

# ସୋର ୟୁଏନ କଲେଜର ଉନ୍ନତିକରଣ ବାବଦକୁ ଖର୍ଚ୍ଚ ହେବ ୨କୋଟି ୧୫ ଲକ୍ଷ

ସୋର,(ନି.ପ୍ର.) : ସୋର ଉପେନ୍ଦ୍ରନାଥ କଲେଜର ଭିତିଭୂମି ଉନ୍ନତିକରଣ କରିବାକୁ ସୋର ବିଧାୟକ ମାଧବ ଧଡା ଗତ ୨୦୨୫ ମସିହା ଡିସେମ୍ବର ୧୧ତାରିଖରେ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ । ଏନେଇ ବିଭାଗ ପକ୍ଷରୁ କଲେଜର ଉନ୍ନତିକରଣ ପାଇଁ ୨କୋଟି ୧୫ ଲକ୍ଷ ୬୮ ହଜାର ୫୯୨ ଟଙ୍କା ଅନୁମୋଦନ କରାଯାଇଥିବା ଜଣାପଡିଛି । କଲେଜରେ କ୍ଲାସ ରୁମ ସମେତ ଶୌଚାଳୟ ଓ ବହୁମୁଖୀ ହଲର ଆବଶ୍ୟକତା ଥିବା ବେଳେ କଲେଜ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲା । ଏନେଇ ବିଧାୟକ ମାଧବ ଧଡା ବିଭାଗକୁ ଚିଠିମାଧ୍ୟମରେ ଅବଗତ କରାଇଥିଲେ । ଫଳରେ ଗତ ୧୨ ତାରିଖରେ ବିଭାଗ ପକ୍ଷରୁ ଚାରୋଟି କ୍ଲାସରୁମ,ଛାତ୍ରୀ ମାନଙ୍କ ପାଇଁ ଶୌଚାଳୟ, ବହୁମୁଖୀ ହଲ,ଛାତ୍ରୀ କମନ ରୁମ, ଦିବ୍ୟାଙ୍ଗ ଶୌଚାଳୟ ଓ ଅଧ୍ୟାପିକାଙ୍କ ପାଇଁ ଶୌଚାଳୟ ନିର୍ମାଣ ବାବଦକୁ ୨କୋଟି ୧୫ ଲକ୍ଷ ୬୮ ହଜାର ୫୯୨ ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି ।

# ଆଖଣ୍ଡଳମଣି ଏଫପିସିଏଲ ପକ୍ଷରୁ ରବି ଫସଲ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ

ଧାମନଗର,(ନି.ପ୍ର.): ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ବିରୁହାଁ ନିକଟସ୍ଥ ଆଖଣ୍ଡଳମଣି ଏଫ୍ ?ପିସିଏଲ୍ ? (ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ?) ପକ୍ଷରୁ ସୋମବାର ରବି ଫସଲ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଅଂଚଳର ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ନିଜ ଫସଲ ବିକ୍ରୟର ସୁବିଧା ଯୋଗାଇବା ସହ ବଜାର ସଂଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଂଗ୍ରହ କେନ୍ଦ୍ର ଆରମ୍ଭ କରାଯାଇଛି ।ଏହି କେନ୍ଦ୍ରରେ ମୁଗ, ବିରି, ହରଡ, ମସୁର ଭଳି ବିଭିନ୍ନ ଡାଲି ଜାତୀୟ ଫସଲ ସହ ସୋରିଷ, ସୂର୍ଯ୍ୟମୁଖୀ, ବାଦାମ ଓ ଚୀନାବାଦାମ ଭଳି ତେଲ ଜାତୀୟ ଫସଲ ସଂଗ୍ରହ କରାଯାଉଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗୀ ସଂସ୍ଥା ନାବାର୍ଡ, ନାଫେଡ୍ ? ଓ ମାର୍କଫେଡ୍ ? ମାଧ୍ୟମରେ ଏହି ବ୍ୟବସ୍ଥା କରାଯାଇଥିବା ବେଳେ




ଚାଷୀମାନେ ସଠିକ ମୂଲ୍ୟ ପାଇବେ ବୋଲି କୁହାଯାଇଛି ।ବିଶେଷ କରି ଅଂଚଳର ଚାଷୀମାନେ ପଞ୍ଜିକରଣ କରି ନିଜ ଉତ୍ପାଦିତ ରବି ଫସଲ ଆଣି ସଂଗ୍ରହ କେନ୍ଦ୍ରରେ ଦେଇପାରିବେ । ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଜିଲ୍ଲା ପାଇଁ ୬ ହଜାର ଟନ ଫସଲ କ୍ରୟ କରିବାକୁ ଲକ୍ଷ ଧାର୍ଯ୍ୟ ହୋଇଛି । ଏହି ପଦକ୍ଷେପ ଫଳରେ ଚାଷୀମାନେ ଦଲାଲ ଉପରେ ନିର୍ଭରଶୀଳ ହେବାରୁ ମୁକ୍ତି ପାଇବା ସହ ନିଜ ଫସଲର ଉଚିତ ମୂଲ୍ୟ ପାଇପାରିବେ ବୋଲି ମତ ପ୍ରକାଶ ପାଇଛି ।ଏଥିପାଇଁ ପ୍ରଥମକରି ୧୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଆହୁରି ଅନେକ ଚାଷୀ ପଞ୍ଜିକରଣ କରିବେ ବୋଲି କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏଡିଓ ପ୍ରୀତିରେଖା ମହାଲିକ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଅନୁରାଧା ପଣ୍ଡା, ନାଫେଡ ମାର୍କେଟିଂ ହେଡ୍ ? ଗୋବିନ୍ଦ ମୁର୍ମୁ, ମାର୍କଫେଡ ସମ୍ପାଦକ ବିଜେନ୍ଦ୍ର କୁମାର ମହାନ୍ତି, ଡିଡିଏମ୍ ନାବାର୍ଡ ଦୀପକ କୁମାର ସାହୁ, କୃଷକ ସାଥୀ ଶୁଶାନ୍ତ ଲେଙ୍କା, କମ୍ପାନୀ ଡାଇରେକ୍ଟର ବିକ୍ରମ କେଶୋରୀ ବସନ୍ତିଆ, କମ୍ପାନୀ ସିଇଓ ସୁବ୍ରତ ସାମଲ ପ୍ରମୁଖଙ୍କ ସମେତ ଅନେକ ସ୍ଥାନୀୟ ଚାଷୀ ଯୋଗଦେଇଥିଲେ ।

# ପୁରୀ ଜିଲ୍ଲାରେ ଏସ ଆଇ ଆର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ (ନି.ପ୍ର.)ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର ପ୍ରକ୍ରିୟା ଆରମ୍ଭ ହୋଇଛି ।ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ କାର୍ଯ୍ୟସୂଚୀ ଚୁଡାନ୍ତ ହୋଇଛି ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି ।ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଏସ ଆଇ ଆର ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ଏକ ସୁସ୍ଥ,ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ ।ପ୍ରତ୍ୟେକ ବୁଥ ପାଇଁ ବିଏଲଓ ବା ବୁଥ ଲେବଲ ଅଫିସର ଙ୍କ ସହ ତାହାକୁ ତଦାରଖ ପାଇଁ ସୁପରଭାଇଜର ମାନଙ୍କୁ ଦାୟିତ୍ୱ ଦିଆଯାଇଛି ।ତେବେ ରାଜନୈତିକ ଦଳ ମାନେ ପ୍ରତ୍ୟେକ ବୁଥରେ ବିଏଲଏ ବା



ବୁଥ ଲେବଲ ଏଜେ[ ଙ୍କୁ ଦାୟିତ୍ୱ ଦେଲେ ଏହା ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ପାରିବ ବୋଲି ଜିଲ୍ଲାପାଳ କହିଥିଲେ ।କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧ ତାରିଖ କୁ ଯୋଗ୍ୟତା ତାରିଖ ଧରାଯାଇଛି ।ମଇ ମାସ ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରି[ିଂ କାର୍ଯ୍ୟ କରାଯିବ ।ବିଏଲଓ ମାନେ ମଇ ମାସ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରିବେ ।ଜୁନ ୨୮ ତାରିଖରେ ରାସନାଇଜେସନ କରାଯିବ ।ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରଦର୍ଶିତ ହେବ ।ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତି ଅଭିଯୋଗ କରାଯାଇ ପାରିବ ।ଜୁଲାଇ ୫ ରୁ ସେପଟ୍ଟେମ୍ବର ୨ ତାରିଖ ସୁଦ୍ଧା ଆପତି ଅଭିଯୋଗ ଗୁଡିକ ର ଶୁଣାଣି କରାଯାଇ ଫଇସଲା କରାଯାଇ ଚୁଡାନ୍ତ ଭୋଟର ତାଲିକା ସେପଟ୍ଟେମ୍ବର ୬ ତାରିଖରେ ପ୍ରକାଶିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଜିଲ୍ଲାରେ ମୋଟ ୧୬୦୯ ବୁଥ ଥିବା ବେଳେ ୧୬୦୯ ବିଏଲଓ ଏବଂ ୧୬୧ ସୁପରଭାଇଜର ଙ୍କୁ ନିଯୁକ୍ତି ଦିଆଯାଇଛି ।ସେହିପରି ୬ଜଣ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ ବା ଇଆରଓ ଏବଂ ୩୧ ଜଣ ଏଇଆରଓ ଦାୟିତ୍ୱ ରେ ରହିବେ ।ଜିଲ୍ଲାରେ ମଇ ମାସ ୧୭ ତାରିଖ ସୁଦ୍ଧା ମୋଟ ଭୋଟର ଙ୍କ ସଂଖ୍ୟା ୧୩୮୭୯୩୦ ରହିଛି ।ଏଥିରେ ପୁରୁଷ ଭୋଟର ଙ୍କ ସଂଖ୍ୟା ୭୧୩୦୩୦, ମହିଳା ଭୋଟର ୬୭୪୮୨୦ ଓ ୮୦ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି । ଏଥିରେ ୧୮ ରୁ ୧୯ ବର୍ଷ ବୟସ୍କ ଯୁବ ଭୋଟର ଙ୍କ ସଂଖ୍ୟା ୨୪୫୨୦ରହିଛି, ଯାହା ମୋଟ ଭୋଟର ଙ୍କ ଅନୁପାତର ଶତକଡା ୧.୭୭ ଭାଗ ।ସେହିପରି ୮୫ବର୍ଷ ରୁ ଉର୍ଦ୍ଧ୍ୱ ଭୋଟର ଙ୍କ ସଂଖ୍ୟା ୧୬୭୩୬ ଜଣ ଅର୍ଥାତ ଶତକଡା ୧.୨୧ ଭାଗ ରହିଥିବା ବେଳେ ଦିବ୍ୟାଙ୍ଗ ଭୋଟର ଙ୍କ ସଂଖ୍ୟା ୧୭୬୭୭ ଅର୍ଥାତ ଶତକଡା ୧.୨୭ ଭାଗ ରହିଛି ।ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାର ଭୋଟର ତଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅଗୁଲା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନା ରେ ଗ୍ରହଣ କରିଥିଲେ ।

# ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଭାରତ ଏବଂ ନରୱେ ଏକ ସହଭାଗୀ ପ୍ରତିବଦ୍ଧତା ବଜାୟ ରଖିଛନ୍ତି: ପ୍ରଧାନମନ୍ତ୍ରୀ



ଓସ୍ଲୋ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର କହିଛନ୍ତି ଯେ ଭାରତ ଏବଂ ନରୱେ ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଏକ ସହଭାଗୀ ପ୍ରତିବଦ୍ଧତା ବଜାୟ ରଖିଛନ୍ତି । ବଢୁଥିବା ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସେ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ସଂସ୍କାର ଆଣିବାର ଆବଶ୍ୟକତାକୁ ପୁନର୍ବାର ଦୋହରାଇଛନ୍ତି । ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗାହର ଷ୍ଟୋରଙ୍କ ସହିତ ଏକ ପ୍ରେସ୍ ବିବୃତି ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ନରୱେ ପ୍ରକୃତି ଏବଂ ମାନବ ପ୍ରଗତି ମଧ୍ୟରେ ସମନ୍ୱୟର ଏକ ସୁନ୍ଦର ଉଦାହରଣ । ସେ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଉଷ୍ମ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଥିଲେ । ମୋଦୀ କହିଛନ୍ତି ଯେ ତାଙ୍କର ଗତବର୍ଷ ନରୱେ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ତାଙ୍କର ଯାତ୍ରା ସ୍ଥଗିତ ରଖିବାକୁ ପଡିଥିଲା ।

# ରାଜ୍ୟରେ କଲବଲ କରୁଛି ତାତି: ୪୫ ଡିଗ୍ରୀ ଛୁଇଁପାରେ ପାରଦ



ଭୁବନେଶ୍ୱର: ଉପାନ୍ତରୁ ଉପକୂଳ ସବୁଠି କଲବଲ କରୁଛି ତାତି । ୪୨.୮ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ସବୁଠାରୁ ଉତପ୍ତ ସହର । ବର୍ତମାନ ରାଜ୍ୟ ମଧ୍ୟକୁ ବାୟୁମଣ୍ଡଳର ମଧ ଭାଗରୁ ଉତର ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ଜଳୀୟବାଷ୍ପର ମାତ୍ରା କମିବା ସହ କାଳବୈଶାଖୀ ପ୍ରଭାବ କମ ରହୁଛି । ଫଳ ସ୍ୱରୂପ ତାପମାତ୍ରାରେ ବୃଦ୍ଧି ସହ ପର୍ଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି । ଅନ୍ୟପକ୍ଷରେ ୨୦ ତାରିଖରୁ ଦେଶର ମଧ୍ୟଭାଗରେ ଏକ ଗୁରୁଚାପ ବଳୟ ସକ୍ରିୟ ହେବାର ସମ୍ଭାବନା ରହିଛି । ପ୍ରଭାବରେ, ଉତରପର୍ଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ ବୃଦ୍ଧି ସହ ତାପମାତ୍ରା ବୃଦ୍ଧି ପ୍ରକ୍ରିୟା ଆହୁରି ପ୍ରଶମିତ ହେବାର ସମ୍ଭାବନା ରହିଛି । ଫଳରେ ପର୍ଶ୍ଚିମ ଓଡ଼ିଶାରେ ୨୧-୨୨ ତାରିଖ ବେଳକୁ କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଛୁଇଁବା ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଆସନ୍ତା ୪ ଦିନ ଅସହ୍ୟ ଖରା ଗରମ ନେଇ ପୂର୍ବାନୁମାନ କରାଯାଇଛି ।








# ୟୁରୋପୀୟ ଶିଳ୍ପ ଗୋଲ ଟେବୁଲ ବୈଠକକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୋଥେନବର୍ଗଠାରେ ଆୟୋଜିତ ୟୁରୋପୀୟ ଶିଳ୍ପ ଗୋଲଟେବୁଲ (ଇଆରଟି) ବୈଠକକୁ ସମ୍ବୋଧିତ କରିଛନ୍ତି । ଭଲଭୋ ଗ୍ରୁପ୍ ଦ୍ୱାରା ଆୟୋଜିତ ଏହି ଆଲୋଚନାରେ ସ୍ୱିଡେନର ପ୍ରଧାନମନ୍ତ୍ରୀ ଶ୍ରୀ ଉଲଫ୍ କ୍ରିଷ୍ଟରସନ୍; ୟୁରୋପୀୟ କମିଶନର ଅଧ୍ୟକ୍ଷା ଶ୍ରୀମତୀ ଉର୍ସୁଲା ଭନ୍ ଡେର୍ ଲେଏନ୍, ୟୁରୋପୀୟ ଶିଳ୍ପପତି ଏବଂ ଅଗ୍ରଣୀ ୟୁରୋପୀୟ ଏବଂ ଭାରତୀୟ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଯୋଗଦେଇଥିଲେ । ନିଜର ଭାଷଣରେ, ପ୍ରଧାନମନ୍ତ୍ରୀ ମୋଦୀ ଭାରତ ଏବଂ ୟୁରୋପ ମଧ୍ୟରେ ବଢୁଥିବା ରଣନୈତିକ ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଏହା ସହିତ ସେ ଏକ କ୍ରମଶଃ ଜଟିଳ ଏବଂ ଅନିଶ୍ଚିତ ବିଶ୍ୱ ପରିବେଶରେ ନିର୍ଭରଯୋଗ୍ୟ ସହଭାଗୀତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଐତିହାସିକ ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ପାଇଁ ଚାଲିଥିବା ଆଲୋଚନାର ସଫଳ ପରିସମାପ୍ତି ସମେତ ଭାରତ-ୟୁରୋପୀୟ ସମ୍ପର୍କରେ ଆସୁଥିବା ପ୍ରଗତିକୁ ସ୍ୱାଗତ କରିଥିଲେ । ସେ ଏହି ଚୁକ୍ତିନାମାକୁ ଏକ ପରିବର୍ତନକାରୀ ଆର୍ଥିକ ସହଭାଗୀତା ଭାବରେ ବର୍ଣ୍ଣନା କରିଥିଲେ ଯାହା ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସେବା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମଇସି) ଭଳି ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକ ଭାରତ-ୟୁରୋପ ବାଣିଜ୍ୟ ସହଭାଗୀତାକୁ ଆହୁରି ମୂଲ୍ୟବାନ କରିବ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଆଜି ଭାରତ ନିବେଶ, ନବସୃଜନ ଏବଂ ଉତ୍ପାଦନ ପାଇଁ ବିଶ୍ୱର ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ମଧ୍ୟରେ ପରିଗଣିତ ହେଉଛି । ସେ ଭାରତର ଦ୍ରୁତ ଆର୍ଥିକ ପ୍ରଗତି, ପରବର୍ତୀ ପିଢ଼ିର ଆର୍ଥିକ ସଂସ୍କାର, ବ୍ୟବସାୟ କରିବାର ସହଜତାରେ ଉନ୍ନତି ଆଣିବାକୁ ସରକାରଙ୍କ ପ୍ରୟାସ, ବ୍ୟାପକ ଡିଜିଟାଲ ସାର୍ବଜନୀନ ଭିତିଭୂମି, ଏକ ଗତିଶୀଳ ଉତ୍ପାଦନ ଇକୋସିଷ୍ଟମ ଏବଂ ଏକ ଦ୍ରୁତ ରୂପାନ୍ତରିତ ଭିତିଭୂମି କ୍ଷେତ୍ର ଉପରେ ଆଲୋକପାତ କରିଥିଲେ । ସେ ଭାରତର ପରିକଳ୍ପନା 'ଭାରତ ପାଇଁ ଡିଜାଇନ, ଭାରତରେ ଉତ୍ପାଦନ ଓ ଭାରତରୁ ରପ୍ତାନି' କଥା ଦୋହରାଇଥିଲେ । ଏହା ସହିତ ଏକ ନିର୍ଭରଯୋଗ୍ୟ ଏବଂ ବିଶ୍ୱସ୍ତ ଅର୍ଥନୈତିକ ଅଂଶୀଦାର ଭାବରେ ଭାରତ ସହିତ ସେମାନଙ୍କର ସମ୍ପର୍କକୁ ଆହୁରି ନିବିଡ଼ କରିବାକୁ ସେ ୟୁରୋପୀୟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଥିଲେ । ଏକ ବିବିଧ ଓ ସୁଦୃଢ଼ ଯୋଗାଣ ଶୃଙ୍ଖଳ ତିଆରି କରିବା ଦିଗରେ ଭାରତ ଓ ୟୁରୋପ ମିଳିତଭାବ କାର୍ଯ୍ୟ କରିବା ଉଚିତ୍ ବୋଲି ସେ କହିଥିଲେ । ସେ ଭିତିଭୂମି ଏବଂ ଶକ୍ତି କ୍ଷେତ୍ରରେ ଭାରତର ମହତ୍ୱାକାଂକ୍ଷୀ ରୂପାନ୍ତରଣ ବିଷୟରେ କହିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ପରିବହନ, ଲଜିଷ୍ଟିକ୍ସ, ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ପରମାଣୁ ଶକ୍ତିରେ ବିପୁଳ ପରିମାଣର ନିବେଶ । ସେ ୟୁରୋପୀୟ ଶିଳ୍ପ ନେତାମାନଙ୍କୁ ଦୂରସଂଚାର ଏବଂ ଡିଜିଟାଲ ଭିତିଭୂମି; କୃତ୍ରିମ ବୁଦ୍ଧିମତା (ଏଆଇ), ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଡିପଟ୍ରେକ୍ ମାନୁଫାକଚରିଂ; ସବୁଜ ପରିବର୍ତନ ଏବଂ ସ୍ୱଚ୍ଛ ଶକ୍ତି; ଭିତିଭୂମି, ଗତିଶୀଳତା ଏବଂ ସହରାଂଚଳ ପରିବର୍ତନ; ଏବଂ ସ୍ୱାସ୍ଥ୍ୟସେବା ଏବଂ ଜୀବନ ବିଜ୍ଞାନ ଭଳି କ୍ଷେତ୍ରରେ ଭାରତ ସହିତ ସହଭାଗୀ ହେବାକୁ ଆମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଭାରତ ଏବଂ ୟୁରୋପ ମଧ୍ୟରେ ପ୍ରତିଭା ଆଦାନପ୍ରଦାନ, ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ସହଭାଗୀତା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ । ସେ ଭବିଷ୍ୟତର ବିଶ୍ୱ ଆର୍ଥିକ ଅଭିବୃଦ୍ଧି ପାଇଁ ଭାରତର ଯୁବ ଏବଂ ଦକ୍ଷ କର୍ମଶକ୍ତିକୁ ଏକ ପ୍ରମୁଖ ଶକ୍ତି ଭାବରେ ବର୍ଣ୍ଣନା କରିଥିଲେ ଏବଂ ଲୋକ-ଲୋକ ସମ୍ପର୍କ ଏବଂ ନବସୃଜନ ସହଭାଗୀତାକୁ ଆହୁରି ଗଭୀର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ଭାରତ-ୟୁରୋପ ସିଇଓ ରାଉଣ୍ଡଟେବୁଲ ବୈଠକ ଆୟୋଜନ ଏବଂ ଇଆର୍ଟି ମଧ୍ୟରେ ଏକ 'ଭାରତ ଡେସ୍କ' ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ । ଏହି ଗୋଲଟେବୁଲ ଆଲୋଚନା ଭାରତ-ୟୁରୋପ ଅର୍ଥନୈତିକ ଏବଂ ଶିଳ୍ପ ସହଯୋଗକୁ ସୁଦୃଢ଼ କରିବା ଉପରେ ମତ ବିନିମୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପ୍ରଦାନ କରିଥିଲା ଏବଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସ୍ଥିର ବିଶ୍ୱ ସହଭାଗୀତା ପ୍ରତି ଭାରତ ଏବଂ ୟୁରୋପର ସହଭାଗୀ ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିଲା ।

# ଆଜି ଭୁବନେଶ୍ୱରରେ ପୂର୍ବାଂଚଳ କୃଷି ସମ୍ମିଳନୀରେ ଯୋଗଦେବେ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ୧୯ ମଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରରେ ପୂର୍ବାଂଚଳ କୃଷି ସମ୍ମିଳନୀ ଆୟୋଜନ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଅଧ୍ୟକ୍ଷତା କରିବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ । ଏହି ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେବେ । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା । ସମ୍ମିଳନୀ ସମୟରେ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯିବ । ଏଥିସହିତ କୃଷି କ୍ଷେତ୍ର ସହିତ ଜଡିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯିବ । ସମ୍ମିଳନୀ ସମୟରେ, କୃଷକ ରେଜିଷ୍ଟ୍ରିରେ ହୋଇଥିବା ପ୍ରଗତି, ଉଦ୍ୟାନ କୃଷି କ୍ଷେତ୍ରର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ (ଏନଏମଇଓ-ଓଏସ), ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଆଲୋଚନା କରାଯିବ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା କୃଷି କ୍ଷେତ୍ରରେ ସଫଳ ପଦକ୍ଷେପ ଓ ନବସୃଜନକୁ ମଧ୍ୟ ପ୍ରଦର୍ଶିତ କରାଯିବ । ଓଡ଼ିଶା ଏହାର କୃଷି ସମ୍ପ୍ରସାରଣ କାର୍ଯ୍ୟ, ପର୍ଶ୍ଚିମବଙ୍ଗ ଏହାର ବିହନ ଉତ୍ପାଦନର ସର୍ବୋତମ ଅଭ୍ୟାସ, ଝାଡ଼ଖଣ୍ଡ ଏହାର ଏଫପିଓ-ଆଧାରିତ ମୂଲ୍ୟ ଶୃଙ୍ଖଳ ଓ କୃଷି ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏବଂ ବିହାର ମକା ଉତ୍ପାଦନ ଓ ବିପଣନ କ୍ଷେତ୍ରରେ ଏହାର ସଫଳ ଅଭିଜ୍ଞତା ବାଂଟିବ । ଏହି ସମ୍ମିଳନୀ କୃଷି କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ମୁକାବିଲା, ନବସୃଜନ ବାଂଟିବା ଏବଂ କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ଭବିଷ୍ୟତ ରଣନୀତି ବିକଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବରେ କାର୍ଯ୍ୟ କରିବ । ସମ୍ମିଳନୀ ପରେ, କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିବେ ।

# ମହାପ୍ରଭୁଙ୍କ ମହିମା ପ୍ରସାର କରିବ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଖର୍ଚ୍ଚ ହେବ ୧ ହଜାର କୋଟି : ମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱବ୍ୟାପୀ ମହାପ୍ରଭୁଙ୍କ ମହିମା ଗାନ କରାଯିବ । ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ହେବ । ମହାବାହୁଙ୍କ ସଂସ୍କୃତିର ପ୍ରଚାର ପ୍ରସାରକୁ ପ୍ରୋତ୍ସାହନ ମିଳିବ । ରାଜ୍ୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା ହେବ । ସେଠାରେ ପ୍ରଭୁଙ୍କ ସମସ୍ତ ରୀତିନୀତି, ଅବତାର, ପରମ୍ପରା ଏବଂ ସ୍କନ୍ଧ ପୁରାଣର କାହାଣୀକୁ ଚଳଚ୍ଚିତ୍ର ମାଧ୍ୟମରେ ଦେଖାଯିବ । ନିକଟରେ ଏହାର ସମୀକ୍ଷା କରି ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏଠାରେ ୩୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ସହ ଏକ ଦୃଶ୍ୟ-ଶ୍ରାବ୍ୟ ହଲ୍ ଏବଂ ମୁକ୍ତାକାଶ ମଂଚ ରହିବ । ପାଖାପାଖି ୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ସଂଗ୍ରହାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ଇତିହାସ, ଦର୍ଶନ, ପରମ୍ପରା ଓ ଲୋକଜୀବନରେ ଏହାର ଗଭୀର ପ୍ରଭାବକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରାଯିବ । ଶ୍ରୀଜଗନ୍ନାଥ ସଂସ୍କୃତି, ପ୍ରାଚୀନ ଇତିହାସ ଓ ଧାର୍ମିକ ଐତିହ୍ୟ ଉପରେ ଗଭୀର ଗବେଷଣା ସହ ପ୍ରାଚୀନ ଜ୍ଞାନ ଓ ପରମ୍ପରାର ସଂରକ୍ଷଣକୁ ବିଶେଷ ଗୁରୁତ୍ୱ ଦିଆଯିବ । ମାଦଳା ପାଞ୍ଜି, ତାଳପତ୍ର ପାଣ୍ଡୁଲିପି, ପୁରାତନ ମନ୍ଦିରଗୁଡ଼ିକର ଦୁର୍ଲଭ ଦସ୍ତାବିଜ, ପାରମ୍ପରିକ ତଥ୍ୟ ଓ ଐତିହାସିକ ପ୍ରମାଣଗୁଡ଼ିକୁ ଆଧୁନିକ ଡିଜିଟାଲ୍ ପ୍ରଣାଳୀ ମାଧ୍ୟମରେ ସଂରକ୍ଷିତ କରାଯିବ । ଫଳରେ ଆଗାମୀ ପିଢ଼ି ଆମ ସମୃଦ୍ଧ ଐତିହ୍ୟ ଓ ଆଧ୍ୟାତ୍ମିକ ଜ୍ଞାନକୁ ସହଜରେ ଅନୁଭବ, ଅଧ୍ୟୟନ ଓ ଗବେଷଣା କରିପାରିବେ । ଏହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାର ପ୍ରସାର ଆହୁରି ସୁଦୃଢ଼ ହେବ । ମହାପ୍ରଭୁଙ୍କ ଅସୀମ କୃପାରେ ଓଡ଼ିଆ ଅସ୍ମିତା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟ ସହ ଅଭିନ୍ନ ଭାବେ ଜଡିତ ଏହି ପବିତ୍ର ପରମ୍ପରା ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରହିବ । ଗୁରୁତ୍ୱ ସହ ଓଡ଼ିଶା ସରକାର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର ଓ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ବି ବାରମ୍ବାର ଏହାର ସମୀକ୍ଷା କରୁଛନ୍ତି ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

# ରାଜ୍ୟରେ ତେଲ ସଂକଟ ନାହିଁ : ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର: ସାରା ଓଡ଼ିଶାରେ ଇନ୍ଧନ ଅଭାବ ମଧ୍ୟରେ ସୋମବାର ସରକାର ଦୃଢ଼ ଭାବରେ କହିଛନ୍ତି ଯେ ରାଜ୍ୟରେ କୌଣସି ସ୍ଥାନରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଅଭାବ ନାହିଁ । ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସାରା ରାଜ୍ୟରେ ପେଟ୍ରୋଲ, ଡିଜେଲ, ଏଲପିଜି ଏବଂ ୟୁରିଆ ଯୋଗାଣ ସ୍ୱାଭାବିକ ଥିବାରୁ ଓଡ଼ିଶା କୌଣସି ଇନ୍ଧନ ସଙ୍କଟର ସମ୍ମୁଖୀନ ହେଉନାହିଁ । ତେଲ ବିପଣନ କମ୍ପାନୀ (ଓଏମସି) ବୈଠକରେ ସୂଚନା ଦେଇଛନ୍ତି ଯେ ରାଜ୍ୟରେ ଇନ୍ଧନର କୌଣସି ଅଭାବ ନାହିଁ । ସେ କହିଛନ୍ତି ଯେ ଓଏମସି ଗୁଡ଼ିକ ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ବଜାର ଉପରେ କଡ଼ା ନଜର ରଖିଛନ୍ତି । ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇ ମୁଖ୍ୟ ସଚିବ ଲୋକମାନଙ୍କୁ ଅଯଥାରେ ତୈଳ ପମ୍ପଗୁଡ଼ିକରେ ଭିଡ଼ ନ କରିବାକୁ ଅନୁରୋଧ କରିଛନ୍ତି । ବେଆଇନ ଭାବରେ ଇନ୍ଧନ ମହଜୁଦ କରୁଥିବା ବ୍ୟକ୍ତିଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି ସଚିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଲ୍ଲାପାଳ ମାନଙ୍କୁ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଭୁବନେଶ୍ୱରରେ ଖୋଲିବ ସେବିର କାର୍ଯ୍ୟାଳୟ




ଭୁବନେଶ୍ୱର: ଅଧିକରୁ ଅଧିକ ନିବେଶକଙ୍କୁ ଷ୍ଟକ୍ ମାର୍କେଟ୍, ମ୍ୟୁଚୁଆଲ୍ ଫଣ୍ଡ ଓ ଏସଇବିଆଇ ସହ ଯୋଡ଼ିବା ଲକ୍ଷ୍ୟରେ ଝରଇଓ ପକ୍ଷରୁ ଭୁବନେଶ୍ୱରରେ ନୂଆ ବ୍ରାଂଚ କାର୍ଯ୍ୟାଳୟ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବ ଭାରତରେ ସେବିର ପ୍ରଥମ କାର୍ଯ୍ୟାଳୟ ହେବ । ଏନେଇ ଆଜି ଏକ ଗଙ୍କଟ ସ୍ୱାକ୍ଷର ହୋଇଥିବାବେଳେ, ଆସନ୍ତା କିଛି ମାସ ମଧ୍ୟରେ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ସେବି ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ (Tuhin Kanta Pandey)ସୂଚନା ଦେଇଛନ୍ତି । ଭୁବନେଶ୍ୱରରେ ମ୍ୟୁଚୁଆଲ ଫଣ୍ଡ ସଂଘ ପକ୍ଷରୁ ଆୟୋଜିତ ଏକ ଆଲୋଚନା ଚକ୍ର ଓ ସଚେତନା କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି । ମ୍ୟୁନିସିପାଲ୍ ବଣ୍ଡକୁ ନେଇ ମଧ୍ୟ ଏସଇବିଆଇ ଅଧ୍ୟକ୍ଷ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି । ସହର ସ୍ତରୀୟ ଅଭିବୃଦ୍ଧି ପାଇଁ ପୌର ପାଣ୍ଠିର ଆବଶ୍ୟକତା ଥିବାବେଳେ, ମ୍ୟୁନିସିପାଲ୍ ବଣ୍ଡ ଏଥିରେ ଏକ ବଡ଼ ମାଧ୍ୟମ ହୋଇପାରିବ ବୋଲି ସେ କହିଛନ୍ତି । ଦେଶର ୩୪ଟି ସହରରେ ଏହି ବଣ୍ଡ ଆରମ୍ଭ ହୋଇଥିବାବେଳେ, ଆଗାମୀ ଦିନରେ ଏହାର ଚାହିଦା ବଢ଼ିବ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାରଙ୍କୁ ମଧ୍ୟ ଏହି ବଣ୍ଡ ଆରମ୍ଭ କରିବା ପାଇଁ ଝରଇଓ ପକ୍ଷରୁ ପରାମର୍ଶ ଦିଆଯାଇଛି । ଆପଣ ଯେତେବେଳେ ମ୍ୟୁନିସିପାଲ୍ ବଣ୍ଡରେ ନିବେଶ କରୁଛନ୍ତି, ସେତେବେଳେ ଆପଣ ନିଜ ସହରର ଅଭିବୃଦ୍ଧିର ଅଂଶ ହୋଇଯାଉଛନ୍ତି ବୋଲି ସେ କହିଛନ୍ତି । ଏପଟେ ଓଡ଼ିଶାରେ ଏସଇବିଆଇ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ସେ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଝଓଚ ନିବେଶ ପ୍ରାୟ ୧୦ ଗୁଣା ବୃଦ୍ଧି ପାଇଥିବାବେଳେ, ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ଲୋକମାନେ ଦେଶର ଅଭିବୃଦ୍ଧିରେ ସହଭାଗୀ ହେଉଛନ୍ତି । ତଥାପି ଜାତୀୟ ସ୍ତରରେ ତୁଳନା କଲେ ଓଡ଼ିଶା ଏବେ ମଧ୍ୟ ନିବେଶ କ୍ଷେତ୍ରରେ ପଛରେ ରହିଛି । ତେଣୁ ରାଜ୍ୟରେ ନିବେଶ ସଂସ୍କୃତିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏସଇବିଆଇ ଅଂଟା ଭିଡ଼ିଥିବା ସେ କହିଛନ୍ତି ।

# ବିସିସିଆଇ ଘରୋଇ କ୍ରିକେଟ୍ ସିଜନ ୨୦୨୬-୨୭ ପ୍ରଭଞ୍ଜନ ଓଡ଼ିଶା ମୁଖ୍ୟ କୋଚ୍ ନିଯୁକ୍ତ



ପ୍ରଭଞ୍ଜନ ଶାନ୍ତନୁ

ଭୁବନେଶ୍ୱର : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଆଗାମୀ ବିସିସିଆଇ ଘରୋଇ କ୍ରିକେଟ୍ ସିଜନ ୨୦୨୬-୨୭ ପାଇଁ ପୂର୍ବତନ କ୍ରିକେଟ୍‌ର ପ୍ରଭଞ୍ଜନ ମଲ୍ଲିକଙ୍କୁ ଓଡ଼ିଶା ସିନିୟର ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରିଛି । ସେ ପୂର୍ବରୁ ଓଡ଼ିଶା ୧୯ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ଥିଲେ । ତାଙ୍କ ଅଧିନରେ ଓଡ଼ିଶା ଦଳ ଭିନୁ ମଙ୍କଡ଼ ଟ୍ରଫି ୨୦୨୫-୨୬ ସିଜନରେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲା । ପୂର୍ବରୁ ସେ ୫ବର୍ଷ ଧରି ଓଡ଼ିଶା ସିନିୟର ଦଳର ଚୟନକର୍ତା ଭାବେ କାର୍ଯ୍ୟ କରିଥିଲେ । ସେହିପରି ଶାନ୍ତନୁ ଘୋଷ ଓଡ଼ିଶା କ୍ରିକେଟ୍ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି । ସେ ଏବେ ବିସିସିଆଇର ସେଂଟର ଅଫ୍ ଏକ୍ସଲେନ୍ସ (ସିଓଇ) ଏଲିଟ୍ ଶିବିର (୧୯ବର୍ଷରୁ କମ୍ ବାଳକ)ରେ ସ୍ପିନ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି । ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତାମାନେ ଉଭୟ ପ୍ରଭଞ୍ଜନ ଓ ଶାନ୍ତନୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆଇପିଏଲ-୨୦୨୬ : ହାଇଦ୍ରାବାଦ୍ ଆଗରେ ୧୮୧ ରନ୍ ବିଜୟ ଲକ୍ଷ୍ୟ ରଖିଲା ଚେନ୍ନାଇ



ଚେନ୍ନାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୩ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ ଏବଂ ସନରାଇଜର୍ସ ହାଇଦ୍ରାବାଦ୍ ମୁହାଁମୁହିଁ ହୋଇଛନ୍ତି । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଉଛି । ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍‌ହରାଇ ୧୮୦ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ହାଇଦ୍ରାବାଦକୁ ୧୮୧ ରନ୍‌ଲକ୍ଷ୍ୟ ମିଳିଛି । ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ । ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୧ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ସଂଜୁ ସାମସନଙ୍କ ବ୍ୟକ୍ତିଗତ ୨୭ ରନ୍ ଥିଲା, ଯିଏକି ୧୩ଟି ବଲ୍ ସାମ୍ନା କରି ୫ଟି ଚେ?କା ଏବଂ ଗୋଟିଏ ଛକା ମାରିଥିଲେ । ଚେନ୍ନାଇର ସ୍କୋର ୪୮ ରନ୍‌ରେ ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ଉର୍ଭିଲ ପଟେଲ (୧୩ ରନ୍) । କାର୍ତିକ ଶର୍ମା ଦଳର ତୃତୀୟ ଭାବେ ଆଉଟ୍ ହୋଇଥିଲେ । ସେ ବ୍ୟକ୍ତିଗତ ଭାବେ ୧୯ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୨ ରନ୍ ସଂଗ୍ରହ କରିଥିଲେ । ଚେନ୍ନାଇ ପାଇଁ ଡେୱାଲ୍ଡ ବ୍ରେଭିସ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୨୭ଟି ବଲ୍‌ରୁ ୪୪ ରନ୍ କରିଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା । ଶିଭବ ଦୁବେ ୨୬ ରନ୍ ? କରିଥିଲେ । ଏଥି ପାଇଁ ୨୩ଟି ବଲ୍ ସାମ୍ନା କରି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ଅଧିନାୟକ ଋତରାଜ ଗାଏକ୍ୱାର୍ଡ ୧୫ ରନ୍ ସଂଗ୍ରହ କରିଥିଲେ । ଏଥି ପାଇଁ ସେ ୨୧ଟି ବଲ୍‌ର ସାମ୍ନା କରିଥିଲେ । ପ୍ରଶାନ୍ତ ବୀର (୧୧ରନ୍) ଓ ଅକିଲ ହୁସେନ (୩ରନ୍) ଅପରାଜିତ ଫେରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**